Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

✦Vol - 21✦ Issue No:260✦16 January 2026 (Friday) ✦ Rourkela ✦ Rs.2.00 ✦ Page -1 ✦୨୧ ବର୍ଷ ✦ସଂଖ୍ୟା:୨୬୦✦୧୬ ଜାନୁଆରୀ ୨୦୨୬ (ଶୁକ୍ରବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

୨୦୨୪ ସାଧାରଣ ନିର୍ବାଚନ ସବୁଠୁ ବଡ଼ ଗଣତାନ୍ତ୍ରିକ ପ୍ରକ୍ରିୟା :ମୋଦୀ

ନୂଆଦିଲ୍ଲୀ,୧୫/୧ :ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ସଂସଦ ଭବନ ସେଣ୍ଟ୍ରାଲ ହଲରେ ରାଜ୍ୟଗୋଷ୍ଠୀ ଦେଶମାନଙ୍କ ବାଚସ୍ପତି ଓ ଅଧ୍ୟକ୍ଷ ସଚ୍ଚିବମାନଙ୍କୁ ଉଦଘାଟନ କରିଛନ୍ତି । ମୋଦୀ ସଚ୍ଚିବମାନଙ୍କୁ ସମ୍ବୋଧିତ କରି କହିଥିଲେ, ଭାରତ ଗଣତନ୍ତ୍ରର ଜନନୀ ଭାବେ ପରିଚିତ । ଗଣତାନ୍ତ୍ରିକ ଅନୁଷ୍ଠାନ ଓ ପ୍ରକ୍ରିୟା ସ୍ଥିରତା, ଗତି ତଥା ପରିଣାମ ପ୍ରଦାନ କରିପାରିବ । ୨୦୨୪ ସାଧାରଣ ନିର୍ବାଚନ ଲଥା ଉଠାଇ ପ୍ରଧାନମନ୍ତ୍ରୀ କହିଥିଲେ, ମାନବ ଇତିହାସରେ ଏହା ସବୁଠୁ ବଡ଼ ଗଣତାନ୍ତ୍ରିକ ପ୍ରକ୍ରିୟା ରହିଥିଲା । ଏହି ନିର୍ବାଚନରେ ୭୦୦ରୁ ଅଧିକ ରାଜନୈତିକ ଦଳମାନଙ୍କର ୮୦୦୦ ରୁ ଅଧିକ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ନିର୍ବାଚନରେ ବହୁ ସଂଖ୍ୟାରେ ମହିଳା ଭୋଟର ଅଂଶଗ୍ରହଣ କରିଥିଲେ । ଭାରତରେ ମହିଳା କେବଳ ନିର୍ବାଚନ ପ୍ରକ୍ରିୟାରେ ସାମିଲ ହେଉଛନ୍ତି, ତା' ନୁହେଁ, ନେତୃତ୍ୱ ମଧ୍ୟ ନେଉଛନ୍ତି । ଭାରତରେ ଏବେ ରାଷ୍ଟ୍ରପତି ଜଣେ ମହିଳା । ଦିଲ୍ଲୀରେ ଜଣେ ମହିଳା ମୁଖ୍ୟମନ୍ତ୍ରୀ ଅଛନ୍ତି । ସାରା ଦେଶରେ ୧.୫ ନିୟୁତ ନିର୍ବାଚିତ ମହିଳା ପ୍ରତିନିଧି ଅଛନ୍ତି । ଆମ ଦେଶର ବିବିଧତା ମଧ୍ୟରେ ଶହ ଶହ ଭାଷା ରହିଛି । ଭାରତରେ ଗଣତନ୍ତ୍ରର ମୂଳକୁଆ ଦୃଢ଼ ଥିବାରୁ ଏପରି ବିବିଧତା ପାଳନ କରାଯାଇପାରୁଛି । ଭାରତ ଏବେ ବିଶ୍ୱର ଦ୍ରୁତ ବିକାଶଶୀଳ ଅର୍ଥନୀତି ବୋଲି ମୋଦୀ କହିଛନ୍ତି । ଯୁପିଆଇ ବିଶ୍ୱର ତୃତୀୟ ବୃହତ ଡିଜିଟାଲ ପେମେଣ୍ଟ ସିଷ୍ଟମ ହୋଇଥିବାବେଳେ ଭାରତ ବିଶ୍ୱର ବୃହତ ଟିକା ଉତ୍ପାଦନକାରୀ ଦେଶ ବୋଲି ପ୍ରଧାନମନ୍ତ୍ରୀ ସଚ୍ଚିବମାନଙ୍କରେ ଉଦ୍‌ବୋଧନ ଦେଇ କହିଥିଲେ । ଭାରତ ଦ୍ୱିତୀୟ ବୃହତ ଷ୍ଟିଲ ଉତ୍ପାଦନକାରୀ ଦେଶ, ତୃତୀୟ ବୃହତ ଷ୍ଟାର୍ଟଅପ୍ ଇକୋସିଷ୍ଟମ ମଧ୍ୟ । ଭାରତରେ ବିଶ୍ୱର ତୃତୀୟ ବୃହତ ଏଭିଏସନ ମାର୍କେଟ ହୋଇଥିବାବେଳେ ସରକାରଙ୍କ ଜନକଲ୍ୟାଣ ଯୋଜନା ଯୋଗୁ ୨୫ କୋଟି ଭାରତୀୟ ଦାରିଦ୍ର୍ୟରୁ ମୁକ୍ତି ପାଇଛନ୍ତି ବୋଲି ମଧ୍ୟ ପ୍ରଧାନମନ୍ତ୍ରୀ କହିଛନ୍ତି । ଏହାପୂର୍ବରୁ ମୋଦୀ ସଂସଦୀୟ ଗଣତନ୍ତ୍ରରେ ବାଚସ୍ପତିମାନଙ୍କ ଭୂମିକା ତଥା ସେଣ୍ଟ୍ରାଲ ହଲ୍‌ର ଇତିହାସ ସମ୍ପର୍କରେ କହିଥିଲେ । ଆପଣ ଯେଉଁଠି ବସିଛନ୍ତି ସେହି ସ୍ଥାନ ଖୁବ୍ ? ଗୁରୁତ୍ୱପୂର୍ଣ୍ଣ । ପରାଧୀନତା ଶେଷ ବର୍ଷରେ ଏହି ସେଣ୍ଟ୍ରାଲ ହଲରେ ଭାରତର ସମ୍ବିଧାନର ଖ୍ରାଫ୍ଟି ପାଇଁ ବୈଠକ ଅନୁଷ୍ଠିତ ହେଉଥିଲା । ୭୫ ବର୍ଷ ପର୍ଯ୍ୟନ୍ତ ଏହି ଭୋଟ ଭାରତର ସଂସଦ ଭାବେ କାର୍ଯ୍ୟ କରିଛି ବୋଲି କହିଥିଲେ । ଲୋକସଭା ବାଚସ୍ପତିଓମ୍ ବିର୍ଲା ବାଚସ୍ପତି ସଚ୍ଚିବମାନଙ୍କରେ ଅଧ୍ୟକ୍ଷତା କରିଥିବାବେଳେ ଏଥିରେ ୪୪ ରାଜ୍ୟଗୋଷ୍ଠୀ ଦେଶମାନଙ୍କରୁ ୬୧ ଜଣ ପ୍ରତିନିଧି ଅଂଶଗ୍ରହଣ କରିଥିଲେ । ଏହାସହିତ ୪ଟି ଅର୍ଥ ସ୍ଥାପତ ସଂସଦର ପ୍ରତିନିଧି ମଧ୍ୟ ସାମିଲ ହୋଇଥିଲେ ।

'ଓଡ଼ିଶାକୁ ନାହିଁ ନିପା ଭୟ' :ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୧୫/୧(ନି/ପ୍ର):ପଶ୍ଚିମବଙ୍ଗରେ ବଢିଚି ସଂକ୍ରମିତଙ୍କ ସଂଖ୍ୟା । ଓଡ଼ିଶାକୁ ନାହିଁ ନିପା ଭୟ । ଏନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, କେନ୍ଦ୍ର ନିର୍ଦ୍ଦେଶ ନଦେବା ଯାଏଁ ଓଡ଼ିଶାରେ କୌଣସି ଅସୁବିଧା ନାହିଁ । ସୂଚନା ଆଉଜି, ପଶ୍ଚିମବଙ୍ଗରେ ନିପା ଭାଇରସରେ ଦୁଇ ଜଣ ହସ୍ପିଟାଲର ସ୍ୱାସ୍ଥ୍ୟକର୍ମୀ ଆକ୍ରାନ୍ତ ହୋଇଥିବା ଖବର ମିଳିଛି । ଭାରତ ସରକାର ଏ ପର୍ଯ୍ୟନ୍ତ କୌଣସି ନିର୍ଦ୍ଦେଶନାମା ଜାରି କରି ନାହାନ୍ତି । ୨୦୨୩ ମାର୍ଚ୍ଚରୁଁଜିକୁ ପାଳନ କରାଯାଉଛି । କେନ୍ଦ୍ର ନିର୍ଦ୍ଦେଶ ନ ଦେବା ଯାଏଁ ଓଡ଼ିଶାରେ କୌଣସି ଅସୁବିଧା ନାହିଁ । ଓଡ଼ିଶାରେ ନିପା ଭାଇରସ ରୋଗୀ ଚିହ୍ନିତ ହୋଇନି । ଭାରତ ସରକାରଙ୍କ ଏକ ଟିମ୍ ପଶ୍ଚିମବଙ୍ଗ ଯାଇ କାମ କରୁଛନ୍ତି । ଓଡ଼ିଶା ସରକାର ବି କେନ୍ଦ୍ର ସହ ଯୋଗାଯୋଗରେ ଅଛନ୍ତି । ପଶ୍ଚିମବଙ୍ଗରର ମାତ୍ର ଦୁଇଟି ମାମଲା ଆସିଛି, ହେଲେ ବ୍ୟାପିବାର ଖବର ଆସିନାହିଁ । ଯେଉଁଥି ପାଇଁ ଓଡ଼ିଶାକୁ ବର୍ତମାନ ଭୟ କରିବା ବରକାର ନାହିଁ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି । ପଶ୍ଚିମବଙ୍ଗରେ ନିପା ସଂକ୍ରମଣ ମାମଲା ସାମ୍ନାକୁ ଆସିବା ପରେ ଓଡ଼ିଶାରେ ଏବେ ସତର୍କତା ଜାରିଛି । ବିଶେଷକରି ପଶ୍ଚିମବଙ୍ଗ-ଓଡ଼ିଶା ସୀମାନ୍ତ ଅଞ୍ଚଳର ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛି ସ୍ୱାସ୍ଥ୍ୟ ବିଭାଗ । ସଂକ୍ରମିତ ମୁଣ୍ଡୁରା, ଚାଦୁଡିଙ୍କ ଠାରୁ ଏହି ଭୂତାଣୁ ମଣିଷର ଶରୀର ଆସିବା ପରେ ଲୋକଙ୍କ ମଧ୍ୟରେ କ୍ଷୀଣ ଗତିରେ ବ୍ୟାପିଥାଏ । ତେଣୁ ସଚେତନ ଓ ସତର୍କତା ହିଁ ଜରୁରୀ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଚେତାଇଛନ୍ତି । ବାହାରୁ ଫେରୁଥିବା ଲୋକେ ଯଦି ଦୀର୍ଘଦିନ ଧରି ଥଣ୍ଡା, ଜ୍ୱର, ମୁଣ୍ଡ ବିନ୍ଧା ଆଦି ରୋଗରେ ପୀଡ଼ିତ ରହିବେ, ସଙ୍ଗେ ସଙ୍ଗେ ଡାକ୍ତରଙ୍କ ପରାମର୍ଶ ନେବାକୁ ପରାମର୍ଶ ଦେଇଛି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ । ବଡ଼କଥା ହେଉଛି, ଏପର୍ଯ୍ୟନ୍ତ ନିପାକୁ ନେଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗାଇଡଲାଇନ୍ ଜାରି ହୋଇନି । ଏପରିକି ବିଭାଗୀୟ ସୋସିଆଲ ମିଡିଆ ଫେସବୁକ୍, ଏକ୍ସରେ ମଧ୍ୟ କୌଣସି ସଚେତନ କରାଯାଉନି ।

ଆମ ବସ୍ ଦୁର୍ଘଟଣା ଓ ଡ୍ରାଇଭରଙ୍କ ମନମାନି; ଆକ୍ସନ୍ ମୋଡ୍‌ରେ ସରକାର



ଭୁବନେଶ୍ୱର,୧୫/୧(ନି/ପ୍ର): ରାଜଧାନୀ ଆମ ବସ୍ ଦୁର୍ଘଟଣା ପରେ ଆକ୍ସନ ମୋଡ୍‌ରେ ବିଭାଗ । ଏହାକୁ ନେଇ ଆମ ସେବା ସମ୍ପର୍କିତ ଗଠିତ ଜଚ୍ଚସ୍ତରୀୟ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଭୁତ୍ କାର୍ଯ୍ୟାଳୟରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଆଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଯାତ୍ରୀ ଓ ସଡ଼କବ୍ୟବହାରକାରୀଙ୍କ ସୁରକ୍ଷା, ଯାତ୍ରୀ ଅନୁକୂଳ ଆମ ବସ୍ ସେବା ଏବଂ ଚାଳକମାନଙ୍କ ସାମଗ୍ରୀକ ବିକାଶ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି । ଯାତ୍ରୀମାନଙ୍କ ସୁରକ୍ଷା ଓ ପରିବେଶ ସୁରକ୍ଷାକୁ ଆଖି ଆଗରେ ରଖି ଦେଢ଼ ଲକ୍ଷରୁ ଅଧିକ କିଲୋମିଟର ଚଳାଚଳ ହୋଇସାରିଥିବା ସୁଲୁଣା ବିପିଟିଏସଏଲ୍ ର ୩୦ଟି ସୁଲୁଣା ବସ୍ ଗୁଡ଼ିକୁ ସ୍କ୍ରାପ୍ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି । ଏହା ବଦଳରେ ଜଟକ ଓ ଭୁବନେଶ୍ୱରରେ ରାସ୍ତାକୁ ଦେଖି ଛୋଟ ଇ-ବସ୍ ଜନ ସାଧାରଣଙ୍କ ନିମନ୍ତେ ଯୋଡ଼ିହେବ । ଏଥିରେ ପରିବହନ କମିଶନର ଅମିତାଭ ଠାକୁର, ଭୁତ୍ ପରିଚାଳନା ଅଧିକାରୀ ଶ୍ରୀ ସଞ୍ଜୟ ବିଶ୍ୱାଳ, ଡିସିପି, କମିଶନରେଟ୍ ପୁଲିସ୍, ଟ୍ରାଫିକ ଡ଼ିସିପି ପ୍ରମୁଖ ଉପସ୍ଥିତ ଥିଲେ । ଜାନୁଆରି ମାସର ପ୍ରଥମ ଦୁଇ ସପ୍ତାହରେ ଆମ ବସ୍ ଗୁଡ଼ିକର ଖିଡ଼୍ କିମିଟ୍‌ର ଅନୁଧ୍ୟାନ କରାଯାଇଥିବା ସମ୍ପର୍କରେ ଆଲୋଚନା ହୋଇଥିଲା । କୌଣସି ଆମ ବସ୍ ଏହି ନୀୟମ ଭଙ୍ଗ କରିଥିବାର ନଜିର୍ ଆସିନାହିଁ । ବସ ଷ୍ଟପ ମାନଙ୍କରେ ଆମ ବସ ରହଣି ଉପରେ ମଧ୍ୟ ଆଲୋଚନା ହୋଇଛି । ଏହାସହ ଇ-ବସ୍ ଚଳାଚଳ ନେଇ ଡ୍ରାଇଭରଙ୍କୁ ଉପଯୁକ୍ତ ତାଲିମ ଦିଆଯିବ । ସେହିପରି ଜାନୁଆରି ୨୬ରୁ ଲାଗୁହେବ କ୍ୟାପଟେନ ଓ ଗାଇଡମାନଙ୍କ ନିମନ୍ତେ ପ୍ରୋତ୍ସାହନ ରାଶି । ଚାଳକଙ୍କ ସୁରକ୍ଷିତ ଗାଡ଼ି ଚାଳନା ଓ ବିଭିନ୍ନ ବିରୁଦ୍ଧ ସେମାନଙ୍କ କାର୍ଯ୍ୟକୁ ମୂଲ୍ୟାଙ୍କନ କରି ଚିନିମାସରେ ଥରେ ପ୍ରଦାନ କରାଯିବ ଏହି ରାଶି । ଫେବୃଆରିରୁ ଆରମ୍ଭ ହେବ ଆମ ବସ୍ ଗୁଡରେ ଜନ ସାଧାରଣଙ୍କ ସହଭାଗିତା । ସାମାଜିକ ଗଣମାଧ୍ୟମରୁ ସାଧାରଣ ଯାତ୍ରୀଙ୍କୁ ମଗାହେବ ଗୁଡ୍ ପରିବର୍ତ୍ତନ ଉପରେ ମତାମତ । ଆମ ବସ ଦୁର୍ଘଟଣାକୁ ବୃଦ୍ଧିରେ ରାଖି ପ୍ରମୁଖ ସଚିବ ଶ୍ରୀମତୀ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ଜଚ୍ଚସ୍ତରୀୟ କମିଟି ଗଠନ କରାଯାଇ ପ୍ରତି ୧୫ ଦିନରେ ଆମବସ୍ ଚଳାଚଳ ସମ୍ପର୍କରେ ସମୀକ୍ଷା କରାଯିବା ପାଇଁ ନିଷ୍ପତ୍ତି ହୋଇଛି ।

ସ୍ୱାଭାବିକ ହେଲା ଲିଙ୍ଗରାଜ ମନ୍ଦିର ନୀତିକାନ୍ତି :

ବିଭ୍ରାଟ ପାଇଁ ମନ୍ଦିର ପ୍ରଶାସନକୁ ଦାୟୀ କରିଛି ବଡୁ ନିଯୋଗ

ଭୁବନେଶ୍ୱର,୧୫/୧(ନି/ପ୍ର): ଆଜି ସ୍ୱାଭାବିକ ହୋଇଛି ଲିଙ୍ଗରାଜ ପ୍ରଭୁଙ୍କ ନୀତିକାନ୍ତି । ମଙ୍ଗଳ ଆଳତୀ ସରିବା ପରେ ଚାଲିଛି ସାଧାରଣ ଦର୍ଶନ । ପ୍ରଭୁ ଲିଙ୍ଗରାଜଙ୍କ ନୀତି ବିଭ୍ରାଟ ପାଇଁ ମନ୍ଦିର ପ୍ରଶାସନକୁ ଦାୟୀ କରିଛି ବଡୁ ନିଯୋଗ । ପ୍ରଶାସନ ଚାହିଁଥିଲେ ପ୍ରଭୁ ଲିଙ୍ଗରାଜ ଉପାସ ରହିନଥାନ୍ତେ ବୋଲି ଅଭିଯୋଗ କରିଛନ୍ତି ବଡୁ ନିଯୋଗ ସେବାୟତ । ମଙ୍ଗଳବାର ଦିନ ଥିବା କ୍ଷୀର ଆଳତୀ ନୀତି ସମୟରେ ବିଭ୍ରାଟ ଉପୁଜିଥିଲା ବୋଲି ଦୋଷାରୋପ ବିଭାଗ, ଆଇନ ବିଭାଗ ଓ ମନ୍ଦିର ପ୍ରଶାସନକୁ ବଡୁ ନିଯୋଗ ଅବଗତ କରାଇଥିଲେ । ବିଭ୍ରାଟ ସମ୍ପର୍କରେ ଜଣାଇବା ସତ୍ତ୍ୱେ ପ୍ରଶାସନ କାହିଁକି ଚୁପ ରହିଲା ବୋଲି ପ୍ରଶ୍ନ କରିଛନ୍ତି ବଡୁ ନିଯୋଗ ସମ୍ପାଦକ । ଆଲୋଚନା କରାଯାଇଥିଲେ ସମାଧାନ ହୋଇଯାରିଥାନ୍ତାବୋଲି ସେ କହିଛନ୍ତି । ମନ୍ଦିରର ନୀତିକାନ୍ତି ପରିଚାଳନା ସମ୍ପର୍କରେ ଜିଲ୍ଲାପାଳ କୌଣସି ନିଷ୍ପତ୍ତି ନେଇପାରିବେ ନାହିଁ । ଅନେକ ବର୍ଷରୁ ଏହିନୀତି ବଡୁ ସେବାୟତ କରିଆସୁଛନ୍ତି । ଲିଙ୍ଗରାଜ ମନ୍ଦିରର ରେକର୍ଡରେ ବି ଏହି ବିଷୟରେ ଲେଖାଯାଇଛି ବୋଲି ବଡୁ ନିଯୋଗ ସମ୍ପାଦକ କହିଛନ୍ତି । ସେପଟେ ଦେବୋତର ବିଭାଗ ଉପରେ ଦୋଷ ଲଦିଲା ଚାହୁଣ ନିଯୋଗ । ପ୍ରଶାସନ ଚାହିଥିଲେ ବିଭ୍ରାଟ ହୋଇନଥାନ୍ତା । ସମାଧାନ ପାଇଁ ଚିଠି ଦେଇ ଗାରିତ୍ୱ ସାରିଦେଲା ଦେବୋତର ବିଭାଗ । ଏବଂ ଆଲୋଚନା ପାଇଁ ଆସିଲେନି ପ୍ରଶାସନ ବୋଲି ଚାହୁଣ ନିଯୋଗ କହିଛି ।

ନିର୍ବାଚିତ ପ୍ରତିନିଧିଙ୍କୁ ସମ୍ମାନ ଦେବାକୁ କଲେଜକୁ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ

ଭୁବନେଶ୍ୱର, ୧୫/୧(ନି/ପ୍ର): ନିର୍ବାଚିତ ପ୍ରତିନିଧିଙ୍କୁ ସମ୍ମାନ ଦେବାକୁ କଲେଜକୁ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ । କଲେଜ ପରିଦର୍ଶନ ସମୟରେ ଆସୁଥିବା ବିଧାୟକ, ସାଂସଦଙ୍କୁ ସମ୍ମାନ, ସୌଜନ୍ୟମୂଳକ ସ୍ୱାଗତ ସହ ସେମାନେ ଦେଉଥିବା ପରାମର୍ଶକୁ ଲିଖିତ ଭାବେ ରଖ ବୋଲି ନିର୍ଦ୍ଦେଶରେ କୁହାଯାଇଛି । ସେମାନେ ମାଗିଥିବା ପ୍ରଶ୍ନର ଉତ୍ତରକୁ ୧୫ ଦିନ ମଧ୍ୟରେ ଦିଅ । ଏପରିକି କୌଣସି ସଭାରେ ମନ୍ତ୍ରୀ, ବିଧାୟକ ଉପସ୍ଥିତ ଥିଲେ ସେଠାରେ କୌଣସି ସରକାରୀ କର୍ମଚାରୀ ସଭାପତିତ୍ୱ ମଧ୍ୟ କରିବେ ନାହିଁ । କଲେଜର ଅଧ୍ୟାପକ, କର୍ମଚାରୀଙ୍କୁ ଏନେଇ ସଚେତନତା କାର୍ଯ୍ୟକ୍ରମ କରାଅ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଓ କଲେଜ ଅଧ୍ୟକ୍ଷଙ୍କୁ ଚିଠି କରାଯାଇଛି ।

ରାଜ୍ୟଗୋଷ୍ଠୀ ବାଚସ୍ପତି ସମ୍ମିଳନୀ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୫/୧:ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ସଂସଦ ଭବନ ସେଣ୍ଟ୍ରାଲ ହଲରେ ରାଜ୍ୟଗୋଷ୍ଠୀ ଦେଶମାନଙ୍କ ବାଚସ୍ପତି ଓ ଅଧ୍ୟକ୍ଷ ସଚ୍ଚିବମାନଙ୍କୁ ଉଦଘାଟନ କରିଛନ୍ତି । ମୋଦୀ ସଚ୍ଚିବମାନଙ୍କୁ ସମ୍ବୋଧିତ କରି କହିଥିଲେ, ଭାରତ ଗଣତନ୍ତ୍ରର ଜନନୀ ଭାବେ ପରିଚିତ । ଗଣତାନ୍ତ୍ରିକ ଅନୁଷ୍ଠାନ ଓ ପ୍ରକ୍ରିୟା ସ୍ଥିରତା, ଗତି ତଥା ପରିଣାମ ପ୍ରଦାନ କରିପାରିବ । ୨୦୨୪ ସାଧାରଣ ନିର୍ବାଚନ କଥା ଉଠାଇ ପ୍ରଧାନମନ୍ତ୍ରୀ କହିଥିଲେ, ମାନବ ଇତିହାସରେ ଏହା ସବୁଠୁ ବଡ଼ ଗଣତାନ୍ତ୍ରିକ ପ୍ରକ୍ରିୟା ରହିଥିଲା । ଏହି ନିର୍ବାଚନରେ ୭୦୦ରୁ ଅଧିକ ରାଜନୈତିକ ଦଳମାନଙ୍କର ୮୦୦୦ ରୁ ଅଧିକ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ନିର୍ବାଚନରେ ବହୁ ସଂଖ୍ୟାରେ ମହିଳା ଭୋଟର ଅଂଶଗ୍ରହଣ କରିଥିଲେ । ଭାରତରେ ମହିଳା କେବଳ ନିର୍ବାଚନ ପ୍ରକ୍ରିୟାରେ ସାମିଲ ହେଉଛନ୍ତି, ତା' ନୁହେଁ, ନେତୃତ୍ୱ ମଧ୍ୟ ନେଉଛନ୍ତି । ଭାରତରେ ଏବେ ରାଷ୍ଟ୍ରପତି ଜଣେ ମହିଳା । ଦିଲ୍ଲୀରେ ଜଣେ ମହିଳା ମୁଖ୍ୟମନ୍ତ୍ରୀ ଅଛନ୍ତି ।

ସଡକ ଦୁର୍ଘଟଣା : ୭ ମୃତ

ନୂଆଦିଲ୍ଲୀ,୧୫/୧: ରାଜସ୍ଥାନର ଫତେପୁର ଶେଖାବତୀରେ ଭୟଙ୍କର ସଡକ ଦୁର୍ଘଟଣା ଘଟିଛି । ଏଥିରେ ଗୋଟିଏ ପରିବାରର ୭ ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ୫୨ ନଂ ଜାତୀୟ ରାଜପଥର ହର୍ଷଲା ଗାଁ ନିକଟରେ ଏଭଳି ହୃଦୟ ବିଦାରକ ଘଟଣା ଘଟିଛି । ମିଳିଥିବା ସୂଚନା ଅନୁଯାୟୀ ଦ୍ରୁତ ଗତିରେ ଯାଉଥିବା କାରଟି ପ୍ରଥମେ ଏକ ପିକ୍-ଅପ୍ ଗାଡ଼ିକୁ ଧକ୍କା ଦେଇଥିଲା । ଏବଂ ପରେ ସମ୍ମୁଖରୁ ଆସୁଥିବା ଏକ ଟ୍ରକ୍ ସହିତ ଧକ୍କା ହୋଇଥିଲା । ଦୁର୍ଘଟଣାଟି କାରଟି ସମ୍ପୂର୍ଣ୍ଣ ଭାଙ୍ଗିଚୁରି ଚୂରମାର ହୋଇଯାଇଛି । ଦୁର୍ଘଟଣାରେ ଶାଶୁ, ଚାଙ୍କ ୫ ଜଣ ବୋହୂ ଏବଂ ଝିଅଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । କାରର ଡ୍ରାଇଭର ଏବଂ ଜଣେ ସୁବତୀ ଗୁରୁତର ଭାବେ ଆହତ ହୋଇଛନ୍ତି । ସମସ୍ତ ମୃତକ ଫତେପୁର ସବର ଥାନା ରଘୁନାଥପୁରା ଗାଁର ବୋଲି ଜଣାପଡିଛି । ସମସ୍ତେ ଗୋଟିଏ ପରିବାରର ଥିଲେ ।

ସେନାର ବୀରତ୍ୱ ଓ ସାହସ ପ୍ରତ୍ୟେକ ନାଗରିକଙ୍କୁ ଗର୍ବିତ କରେ:

ସେନା ଦିବସରେ ସ୍ୱତନ୍ତ୍ର ଭିଡିଓ ସେୟାର କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୫/୧: ଆଜି ଜାନୁଆରି ୧୫ ସେନା ଦିବସ । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋସିଆଲ ମିଡିଆ ଏକ୍ସରେ ଏକ ସ୍ୱତନ୍ତ୍ର ପୋଷ୍ଟରେ କହିଛନ୍ତି, ଆମ ସେନାର ସାହସ ଏବଂ ବୀରତ୍ୱ ପ୍ରତ୍ୟେକ ନାଗରିକଙ୍କୁ ଗର୍ବିତ କରିଥାଏ କହି ପ୍ରଶଂସା କରିଛନ୍ତି । ଦେଶର ସୈନିକମାନେ ନିଃସ୍ୱାର୍ଥପର ସେବାର ପ୍ରତୀକ ଭାବରେ ସବୁଠାରୁ କଷ୍ଟକର ପରିସ୍ଥିତିରେ ମଧ୍ୟ ଦୃଢ଼ତାର ସହିତ ଦେଶକୁ ସୁରକ୍ଷା ଦେବା ପାଇଁ ଠିଆ ହୋଇଛନ୍ତି ।ଦେଶ ଆମର ସୈନିକଙ୍କ ସାହସ ଏବଂ ଦୃଢ଼ ସଙ୍କଳ୍ପକୁ ସଲାମ କରୁଛି । ଗମ୍ୟ ସ୍ଥାନରୁ ବରଫ ଆଚ୍ଛାଦିତ ଶିଖର ପର୍ଯ୍ୟନ୍ତ, ଆମ ସେନାର ସାହସ ଏବଂ ବୀରତ୍ୱ ପ୍ରତ୍ୟେକ ନାଗରିକଙ୍କୁ ଗର୍ବିତ କରିଥାଏ । ସୀମାକୁ ଜଗି ରହିଥିବା ସୈନିକମାନଙ୍କୁ ହୃଦୟର ସହିତ ଅଭିନନ୍ଦନ ! ନିଃସ୍ୱାର୍ଥପର ସେବାର ପ୍ରତୀକ ଭାବରେ ଆମର ସୈନିକମାନେ ସବୁଠାରୁ କଷ୍ଟକର ପରିସ୍ଥିତିରେ ମଧ୍ୟ ରାଷ୍ଟ୍ରର ସୁରକ୍ଷା ପାଇଁ ଅଟଳ ରହିଥାନ୍ତି । ସେମାନଙ୍କର କର୍ତ୍ତବ୍ୟବୋଧ ସମଗ୍ର ଦେଶକୁ ପ୍ରେରଣା ଦିଏ । କର୍ତ୍ତବ୍ୟ ପାଳନ ସମୟରେ ଜୀବନ ଦେଇଥିବା ଯବାନମାନଙ୍କୁ ଦେଶ ସମ୍ମାନର ସହିତ ମନେ ରଖେ । ସୂଚନାଯୋଗ୍ୟ,୧୯୪୯ ମସିହାରେ ବ୍ରିଟିଶ ଜେନେରାଲ ସାର୍ ଏଫଆରଆର ବୁଚରଙ୍କ ସ୍ଥାନରେ ଫିଲ୍ଡ ମାର୍ଶାଲ କେଏମ କାରିଆପ୍ପାଙ୍କୁ ଭାରତୀୟ ସେନାର ପ୍ରଥମ ଭାରତୀୟ କମାଣ୍ଡର-ଇନ୍-ଚିଫ୍ ଭାବରେ ନିଯୁକ୍ତି ଦେବାର ସ୍ମୃତିରେ ଜାନୁଆରୀ ୧୫ ରେ ସେନା ଦିବସ ପାଳନ କରାଯାଇଥାଏ । ସୂଚନାଯୋଗ୍ୟ,୧୯୪୯ ମସିହାରେ ବ୍ରିଟିଶ ଜେନେରାଲ ସାର୍ ଏଫଆରଆର ବୁଚରଙ୍କ ସ୍ଥାନରେ ଫିଲ୍ଡ ମାର୍ଶାଲ କେଏମ କାରିଆପ୍ପାଙ୍କୁ ଭାରତୀୟ ସେନାର ପ୍ରଥମ ଭାରତୀୟ କମାଣ୍ଡର-ଇନ୍-ଚିଫ୍ ଭାବରେ ନିଯୁକ୍ତି ଦେବାର ସ୍ମୃତିରେ ଜାନୁଆରୀ ୧୫ ରେ ସେନା ଦିବସ ପାଳନ କରାଯାଇଥାଏ ।

ଡାକ୍ତର କହି ଠକିନେଲେ ୨୨ ଲକ୍ଷ

ଭୁବନେଶ୍ୱର,୧୫/୧(ନି/ପ୍ର): ମାଟ୍ରିମୋନିରେ ଫେକ୍ ଡାକ୍ତର ପ୍ରୋଫାଇଲ୍ କରି ସୁବତୀଙ୍କୁ ଠକି ବନ୍ଧା ହେଲେ ନକଲି ଡାକ୍ତର । ଏଭଳି କିଛି ଘଟଣା ଦେଖିବାକୁ ମିଳିଛି ରାଜଧାନୀ ଭୁବନେଶ୍ୱରରେ । ସାନ ଭା

କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ନୃତ୍ୟ ଅନୁଷ୍ଠାନ ସ୍ପିରିଜା ଏବଂ ନ୍ୟାସନାଲ ସ୍କୁଲ ଅଫ ଡ୍ରାମା ପକ୍ଷରୁ ଆୟୋଜିତ ଅଭିନୟ କର୍ମଶାଳାର ଉଦ୍‌ଯାପନୀ ସନ୍ଧ୍ୟା

କେନ୍ଦୁଝର,୧୫/୧(ନି/ପ୍ର):କଳା ଏବଂ ସଂସ୍କୃତି ଯେକୌଣସି ସମାଜର ଆତ୍ମା । ଏହା ଦ୍ୱାରା ଆମର ଚିନ୍ତାଧାରା, ଆମର ସଂଘର୍ଷ, ଆମର ଆଶା ଏବଂ ଆମର ସ୍ୱପ୍ନକୁ ପ୍ରତିଫଳିତ ହୋଇଥାଏ ବୋଲି ଆଜି ନୃତ୍ୟ ଅନୁଷ୍ଠାନ ସ୍ପିରଜା ଏବଂ ନ୍ୟାସନାଲ ସ୍କୁଲ ଅଫ ଡ୍ରାମା ପକ୍ଷରୁ ଆୟୋଜିତ ଅଭିନୟ କର୍ମଶାଳାର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । କେନ୍ଦୁଝର ଜିଲ୍ଲା ଅଡିଟୋରିୟମଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଏହା ମଧ୍ୟଯ କହିଥିଲେ ଯେ କେନ୍ଦ୍ର ସରକାରଙ୍କ ସହଯୋଗରେ ନ୍ୟାସନାଲ ସ୍କୁଲ ଅଫ ଡ୍ରାମାର ଶାଖା କେନ୍ଦୁଝରରେ ପ୍ରତିଷ୍ଠା ହେବ ଏବଂ ଏହାର ସମସ୍ତ ଆନୁସଙ୍ଗିକ ଜନୁଡି ପାଇଁ ରାଜ୍ୟ ସରକାର ସମସ୍ତ ସାହାଯ୍ୟ କରିବେ । ସେ କହିଥିଲେଯେ , ଜାତୀୟ ନାଟ୍ୟ ବିଦ୍ୟାଳୟ ଭାରତୀୟ ନାଟ୍ୟଶାଳାକୁ ଗଠନ କରିବାରେ ଏବଂ କଳାକାରମାନଙ୍କୁ ପିଢ଼ି ପରେ ପିଢ଼ି ଅଭିନୟ କଳା ସହିତ ଯୋଡି ରଖିବାରେ ଏକ ଐତିହାସିକ ଭୂମିକା ଗ୍ରହଣ କରିଛି । କେନ୍ଦୁଝର ପ୍ରକୃତି, ପରମ୍ପରା ଏବଂ ସାଂସ୍କୃତିକ ଐତିହ୍ୟରେ ସମୃଦ୍ଧ ଭୂମି । ଲୋକ ସଙ୍ଗୀତ ଏବଂ ନୃତ୍ୟଠାରୁ କାହାଣୀ କହିବା ଏବଂ ରୀତିନୀତି ପର୍ଯ୍ୟନ୍ତ, ଏହି ଜିଲ୍ଲା ଏକ ଗଭୀର ସାଂସ୍କୃତିକ ଐତିହ୍ୟ ବହନ କରେ । ଯେତେବେଳେ ଏନ୍‌ସସଡ଼ି କଳି ଜାତୀୟ ପ୍ରତିଷ୍ଠାନ କେନ୍ଦୁଝର କଳି ଜିଲ୍ଲାକୁ ଆସନ୍ତି, ସେମାନେ ପାରମ୍ପରିକ ଏବଂ ଆଧୁନିକ କଳା ମଧ୍ୟରେ ସେତୁ ସ୍ଥାପନ କରିବାରେ ସାହାଯ୍ୟ କରନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । , ପ୍ରଧାନମନ୍ତ୍ରୀ ମାନନୀୟ ନରେନ୍ଦ୍ର ମୋଦୀ ଜୀ ସବୁବେଳେ କହି ଆସୁଛନ୍ତି, 'ବିକାଶ ଜି, ବିରାଶତ ଜି' । ଆମ ସରକାର ଏହି ମାନଦଣ୍ଡରେ ଉଦବୁଦ୍ଧ ହୋଇ ବିକାଶ ଏବଂ ଓଡିଶାର ସାଂସ୍କୃତିକ ପରିଚୟକୁ ପ୍ରଚାର ପ୍ରସାର କରିବା ପାଇଁ କାର୍ଯ୍ୟରତ । ଓଡିଆ ଭାଷା, ଓଡିଆ ସଂସ୍କୃତି, ଓଡିଆ ପରମ୍ପରା ଅନନ୍ୟ । ଏହାର ସୁରକ୍ଷା ସହିତ ଏହାର ପ୍ରଚାର-ପ୍ରସାର ପାଇଁ ଆମ ସରକାର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଓଡିଶାର ଲୋଶ ଅନୁଭୋଶରେ ଭରିଗଲିଛି ଲୋକ ସଙ୍ଗୀତ , ଲୋକ କଳାର ମଧୁର ମୂର୍ଚ୍ଛନା । ଏଥି ସହିତ ଓଡିଶା ଏବଂ ଛଉ ପରି ଶାସ୍ତ୍ରୀୟ ନୃତ୍ୟରେ ଓଡିଶାର ଲୋକଜୀବନ ସମୃଦ୍ଧ । ଆଦିବାସୀ ସଂସ୍କୃତି ଉଜ୍ଜ୍ୱଳୀୟ ପରମ୍ପରା ସହିତ ଅଙ୍ଗାଙ୍ଗି ଭାବେ ଜଡିତ । ତେଣୁ ଜନଜାତିଙ୍କ କଳା ଓ ସଂସ୍କୃତିର ପ୍ରଚାର ଓ ପ୍ରସାର କରିବା ପାଇଁ ଆମ ସରକାର ଅନେକ ପଦକ୍ଷେପ ନେଇଛନ୍ତି ବୋଲି ସେ କହିଥିଲେ । ନୃତ୍ୟ ଅନୁଷ୍ଠାନ ସ୍ପିରଜା ଏବଂ ନ୍ୟାସନାଲ ସ୍କୁଲ ଅଫ ଡ୍ରାମା ପକ୍ଷରୁ ଆୟୋଜିତ ଏହି ସମାରୋହରେ ସାଂସଦ ଅନନ୍ତ ଚରଣ ନାୟକ, କରଞ୍ଜିଆ ବିଧାୟକ ଶ୍ରୀ ପଦୁ ଚରଣ ହାଲବୁଢ଼ୁ, ଚେଲକୋଇ ବିଧାୟକ ଡାକ୍ତର ଫକୀରମୋହନ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିସହିତ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲାପାଳ ବିଶାଳ ସିଂହ, ଏନ୍‌ସସଡ଼ିର ରେଜିଷ୍ଟ୍ରାର ପ୍ରତୀପ ମହାନ୍ତି, ଝୀରିଜାର ପ୍ରତିଷ୍ଠାତା ପ୍ରଗତିକା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

ବେଆଇନ ପାର୍କିଙ୍ଗ ନେଲା ଜଣକ ଜୀବନ

ଚମ୍ପୁଆ,୧୫/୧(ନି/ପ୍ର): ଗୁରୁତର ଆହତ ହେଉଥିଲେ । ତାଙ୍କୁ ବେଆଇନ ପାର୍କିଙ୍ଗ ଯୋଗୁଁ ସଂଗେ ସଂଗେ ଝୁମ୍ପୁରା ଡାକ୍ତର ଖାନା ଦୁର୍ଘଟଣାରେ ଜଣକର ଜୀବନ ଚାଲି ନିଆଯାଇଥିଲା ମାତ୍ର ଅବସ୍ଥା ଯାଇଥିବା ଜଣା ପଡିଛି । କେନ୍ଦୁଝର ଗୁରୁତର ହେବାରୁ ପରେ କେନ୍ଦୁଝର ଜିଲ୍ଲା ଚମ୍ପୁଆ ଉପଖଣ୍ଡସ୍ଥ ଝୁମ୍ପୁରା ଡ଼ାକ୍ତରଖାନା ସ୍ଥାନାନ୍ତର କରା ଆନା ନିକଟରେ ୨୦ ନମ୍ବର ଜାତୀୟ ଯାଇଥିଲା । ସେଠାରେ ଚିକିତ୍ସିତ ରାଜପଥର ଦୁଇ ପାର୍ଶ୍ୱରେ ଅବସ୍ଥାରେ ତାର ମୃତ୍ୟୁ ଘଟିଛି । ବେଆଇନ ପାର୍କିଙ୍ଗ ଯୋଗୁଁ ରାସ୍ତା ପୋଲିସ ଘଟଣାସ୍ଥଳରେ ପହଂଚି ଅତିକ୍ରମ କରୁଥିବା ବେଳେ ଏକ ଟ୍ରକ ଗାଡ଼ିକୁ ଜବତ କରିବା ସହ ସାଇକେଲ ଆରୋହୀଙ୍କୁ ଧକ୍କା ଦେଇ ଡ୍ରାଇଭରକୁ ଅଟକ ରଖିଛି । ଥିଲା ଫଳରେ ଘଟଣାସ୍ଥଳରେ ଅନ୍ୟପଟେ ଏନେର ସ୍ଥାନୀୟ ଲୋକେ ସାଇକେଲ ଆରୋହୀ ଗୁରୁତର ରାସ୍ତା ରୋକ କରିଥିଲେ । ଫଳରେ ଆହତ ହୋଇଥିଲେ । ଆହତ ବ୍ୟକ୍ତି ଦୀର୍ଘ ସମୟ ଗାଡି ଚଳାଚଳ ବନ୍ଦ ବିଷ୍ଣୁପୁର ଗାଁର ରଞ୍ଜିତ ନାଏକ । ସେ ରହିଥିଲା । ଖବର ପାଇ ଚମ୍ପୁଆ ସାଇକେଲରେ ପାଇ ନେଇ ଏସଡିପିଓ ଘଟଣା ସ୍ଥଳରେ ପହଂଚି ଆସୁଥିବା ବେଳେ ପଛରୁ ଆସୁଥିବା ଲୋକଙ୍କୁ ବୁଝାଶୁଝା କରିବା ପରେ ଏକ ୧୬ବର୍ଷୀୟ ଟ୍ରକ ଧକ୍କା ଦେବାରୁ ପରିସ୍ଥିତି ସ୍ୱାଭାବିକ ହୋଇଥିଲା ।

ଜିଲ୍ଲା ଟ୍ରାହୁଣ ମହାସଭା ତରଫରୁ ଶୀତବସ୍ତ୍ର ବଂଟନ

ବଲାଙ୍ଗୀର,୧୫/୧(ନି/ପ୍ର): ଅଖିଳ ଓଡିଶା ଟ୍ରାହୁଣ ମହାସଭା, ଭୁବନେଶ୍ୱର ଦ୍ୱାରା ଅନୁଷ୍ଠିତ ଜିଲ୍ଲା ଟ୍ରାହୁଣ ମହାସଭାର ଗୃହିତ ପ୍ରସ୍ତାବ ଓ ନିଷ୍ପତ୍ତି ଅନୁଯାୟୀ ସଂପାବକ ନରେନ୍ଦ୍ର କୁମାର ଆଚାର୍ଯ୍ୟ ଏବଂ ସଭାପତି ପ୍ରାଣ ବଲୁଭ ତ୍ରିପାଠୀଙ୍କ ସଂଯୋଜନା ଓ ଆହ୍ୱାନ କ୍ରମେ, ଉପଦେଷ୍ଟ ଶିବ ଶଙ୍କର ଖୁଆସ, ରାଜେନ୍ଦ୍ର ମିଶ୍ର, ସଂକୀର୍ତନ ତ୍ରିପାଠୀ, ଜଗଦୀଶ ନାଥ, ଗିରିଶ ଚନ୍ଦ୍ର ପଣ୍ଡା, ରାଜେଶ ପଣ୍ଡା, ସୁରେଶ ମିଶ୍ର, ବିଲୁ ତ୍ରିପାଠୀ ଇତ୍ୟାଦିଙ୍କ ଉପସ୍ଥିତି ଏବଂ ସହଯୋଗ ରେ ସହରାଂଚଳ ରାସ୍ତା କଡରେ ମନ୍ଦିର, ରେଲୱେ ଷ୍ଟେସନ, ବସ ଷ୍ଟେଣ୍ଡ ଇତ୍ୟାଦି ଠାରେ ଆଶ୍ରୟ ନେଉଥିବା ଅସହାୟ ବରିଦ୍ର ଗରିବ ଭାଜାରୀମାନଙ୍କୁ ଶୀତବସ୍ତ୍ର (କମ୍ବଳ) ଟ୍ରାହୁଣ

ପିଏମ୍ ଶ୍ରୀ ଧନୁର୍ଜୟ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ

କେନ୍ଦୁଝର,୧୫/୧(ନି/ପ୍ର): ପିଏମ୍ ଶ୍ରୀ ଧନୁର୍ଜୟ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟର '୯୦ ତମ' ବାର୍ଷିକ କ୍ରୀଡା ଉତ୍ସବ- ୨୦୨୫-୧୦୨୬'' ବିଦ୍ୟାଳୟର କ୍ରୀଡା ପ୍ରାନ୍ତରେ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି । ସୋମବାର ଦିବା ୧୧ ଘଟିକା ସମୟରେ କେନ୍ଦୁଝରର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଶ୍ରୀକାନ୍ତ ବେହେରା, ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ପତାକା ଉତ୍ତୋଳନ ପୂର୍ବକ କ୍ରୀଡାର ଶୁଭ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ କେନ୍ଦୁଝର ଶିକ୍ଷା ଜିଲ୍ଲା କ୍ରୀଡା ଅଧିକାରୀ ରାମକୃଷ୍ଣ ବେହେରା ଓ ତାଙ୍କ ସହିତ ସଂକୁଳ ସ୍ତରୀୟ ସଂଯୋଜକ ଶ୍ରୀମତୀ ମୋନାଲିସା ଶତପଥୀ, ମୋତିବନ୍ଧ, ଭଲ କାର୍ଯ୍ୟକ୍ରମରେ ଯୋଗଦାନ କରି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ କ୍ରୀଡାର ଉପାୟେରେ ସହ କ୍ରୀଡା ମନସ୍କ ହେବା ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ଅନୁପ୍ରାଣିତ କରିଥିଲେ । ଏହି କ୍ରୀଡା ପ୍ରତିଯୋଗିତାରେ ୩୮୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ । ଏହି କାର ୨୪ କ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ପ୍ରବୀର କୁମାର ମହାନ୍ତି , ସଭା ପରିଚାଳନା କରିଥିବା ବେଳେ, ସହକାରୀ ଶିକ୍ଷୟିତ୍ରୀ ସୁଶ୍ରୀ ତରୁଣୀଭାମୟୀ ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ ବିଚାରକ ଭାବେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସୁଚିନ୍ତିତ ବିଚାର ପୂର୍ବକ କୃତୀ ପ୍ରତିଯୋଗୀମାନଙ୍କୁ ଚୟନ କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷା କର୍ମଚାରୀ ଉକ୍ତ କାର୍ଯ୍ୟକ୍ରମରେ ଅକ୍ଳାନ୍ତ ଚିତରେ ସହଯୋଗ କରିଥିଲେ । ଆଜି ମଙ୍ଗଳବାର ଅପରାହ୍ନରେ ପିଏମ୍ ଶ୍ରୀ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରଧାନ ଶିକ୍ଷକଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଉକ୍ତକ୍ଷରରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଅନୁଷ୍ଠିତ ଏହି ଉଦ୍‌ଯାପନୀ ଉତ୍ସବରେ କେନ୍ଦୁଝର ଜିଲ୍ଲାର ଅତିରିକ୍ତ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ସତ୍ୟନାରାୟଣ ମହାନ୍ତଙ୍କ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପିଲାମାନଙ୍କ ପାଠ ପଢା ସହିତ ଖେଳର ଅବାଶ୍ୟକତା ସମ୍ପର୍କରେ ଅବିଭାଷଣ ଦେଇଥିଲେ ଏବଂ ମାନସିକ ଶିକ୍ଷାର ଅଭିବୃଦ୍ଧି ନିମନ୍ତେ ଶିକ୍ଷା ପୂର୍ଣ୍ଣତା ପ୍ରାପ୍ତି ହୋଇ ନଥାଏ ବୋଲି କହିଥିଲେ । ଆଗାମୀ ଦିନରେ କେନ୍ଦୁଝର ଏକ କ୍ରୀଡାର ହବ ହେବାକୁ ଯାଉଥିବାରୁ ସେ ବର୍ତମାନର ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ । ଏହି ଉଦ୍‌ଯାପନୀ ଉତ୍ସବରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ସ୍କୁଲ ପରିଚାଳନା ପରିଷଦ ଅଧକ୍ଷ ନିରଞ୍ଜନ ସାହୁ ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ କୁମାର ବେହେରା ଯୋଗ ଦେଇଥିଲେ । ଏହି କ୍ରୀଡା ଉତ୍ସବରେ ଜନିଷ୍ଠ ବାଳକ ବିଭାଗରେ ବନମିଁ ମୁଣ୍ଡା ଓ ଜନିଷ୍ଠ ବାଳିକା ବିଭାଗରେ ଅଞ୍ଜନା ନାୟକ ତଥା ବରିଷ୍ଠ ବାଳକ ବିଭାଗରେ ବାବଲ କୁମାର ନାୟକ ଓ ବରିଷ୍ଠ ବାଳିକା ବିଭାଗରେ ବର୍ଷାରାଣୀ ନାୟକ ଏ ବର୍ଷର ଚମ୍ପିୟାନ ହୋଇ ପୁରସ୍କୃତ ହୋଇଥିଲେ । ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା ଏହି କ୍ରୀଡା ଉତ୍ସବରେ ବିଦ୍ୟାଳୟର ସମସ୍ତ ସହଯୋଗୀ ଶିକ୍ଷକ ଶିକ୍ଷୟିତ୍ରୀ କ୍ରୀଡା ଶିକ୍ଷୟିତ୍ରୀ ପ୍ରଜ୍ଞାବତୀ ସିଂହ ଏବଂ ଶିକ୍ଷା କର୍ମଚାରୀ ଏହି କାର୍ଯ୍ୟକ୍ରମକୁ ସଫଳ କରିଥିବାରୁ ସମସ୍ତଙ୍କୁ ପ୍ରଧାନ ଶିକ୍ଷକ ପ୍ରବିର କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

କେନ୍ଦୁଝର ପୂମା ଏକାଡେମୀର ଛାତ୍ରଛାତ୍ରୀଙ୍କ ସଫଳତା

କେନ୍ଦୁଝର,୧୫/୧(ନି/ପ୍ର): ସର୍ବଭାରତୀୟ ଆମନ୍ତ୍ରଣୀୟ ଜରାଟେ ପ୍ରତିଯୋଗୀତା ମାଷ୍ଟର୍ସ କପ ୨୦୨୬ କେରଳର ଓ୍ୱାୟନାଡ ଜିଲ୍ଲାରେ ଥିବା ଆବାଥରା ଅଡିଟୋରିୟମରେ ହାନ୍ ସି କେ. ପି. ରବୀନ୍ଦ୍ରନ ୧୦ମ ଡାନ ରେଡ୍ ବେଲଟଙ୍କ ଜାନୁଆରୀ ୧୦,୧୧ ଦୁଇ ଦିନ ଧରି ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରତିଯୋଗୀତାକୁ ଷ୍ଟୋଗୋ ଗ୍ରୁପ ମୁଖ୍ୟ ଜୟେସ୍ ସେବାଷ୍ଟିଆନ ଉଦଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ମାତୃଭୂମି ସମ୍ବାଦପତ୍ରର ମୁଖ୍ୟ ସହକାର ସଂପାଦକ ଏମ୍ . ପି.ସୁରେନ୍ଦ୍ରନ ଯୋଗଦେଇ ସାମ୍ପ୍ରତିକ ପରିବେଶରେ ଜରାଟେ ଶିକ୍ଷାର ଆବଶ୍ୟକତା ସମ୍ବନ୍ଧରେ ଆଲୋକପାତ କରିଥିଲେ । ଏହି ପ୍ରତିଯୋଗିତା ଡ୍ୟାର୍ଲ୍ଲ କରାଟେ ଫେଡେରେସନ ଏବଂ ପାରମ୍ପରିକ ଓଜି ନାଡ୍ଡା କରାଟେର ନିୟମାବଳୀ ଅନୁଯାୟୀ ବିଶେଷ ଭାବରେ ପ୍ରଶିକ୍ଷିତ ବିଚାରକ ମଣ୍ଡଳୀଙ୍କ ଦ୍ୱାରା ପରିଚାଳିତ ହୋଇଥିଲା । ଉକ୍ତ ପ୍ରତିଯୋଗିତାରେ କେନ୍ଦୁଝର ପୂମା ଏକାଡେମୀର ୨ ଜଣ ଛାତ୍ର ଛାତ୍ରୀ ଓଡ଼ିଶାର ପ୍ରତିନିଧୁତ୍ୱ କରି ୨ ଟି ସ୍ୱର୍ଣ୍ଣ, ୨ ଟିରୌପ୍ୟ ଓ ୨ ଟି ବ୍ରୋଞ୍ଜ ମେଡାଲ ସହ ସର୍ବମୋଟ୍ ୬ ଟି ପଦକ ହାସଲ କରି ଜିଲ୍ଲା ତଥା ରାଜ୍ୟର ଗୌରବ ବୃଦ୍ଧି କରିଛନ୍ତି । ପଦକ ତାଲିକା ନିମ୍ନ ପ୍ରକାର ରେ ଦିଆଗଲା । ମଧୁସୂଦନ କେନା ବରିଷ୍ଠ ମହିଳା ବିଭାଗ ଡ୍ରାଇନ ବେଲ୍ଟ କାତାରେ ସ୍ୱର୍ଣ୍ଣ, କୁମିତେ ୫୫ କେଜିରୁ କମ୍ ବିଭାଗରେ ରୌପ୍ୟ ଏବଂ କୋବୁଡୋ 'ବୋ ' କାତା ରେ ସ୍ୱର୍ଣ୍ଣ ପଦକ । ତାରିଣୀ ପ୍ରସାଦ ତ୍ରୁହୁ ବରିଷ୍ଠ ପୁରୁଷ ବେଲ୍ଟ ବିଭାଗ କାତା ରେ ବ୍ରୋଞ୍ଜ, ୮୧ କେ.ଜି କୁମିତେ ବିଭାଗରେ ରୌପ୍ୟ ଡ୍ୟାର୍ଲ୍ଲ କୋବୁଡୋ କାତାରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ପୂମା ଏକାଡେମୀର ପ୍ରତିଷ୍ଠାତା ତଥା ଓଜିନାଡ୍ଡା ସୋରିନ୍‌ରିନ ଶିଚୁକରାଟେ ଏବଂ କୋବୁଡୋ ରାଜ୍ୟ ମୁଖ୍ୟ ଜୋଷୀସି ପ୍ରତୀଶ କୁମାର ଦେଓ, (୭ମ ଡାନ୍ ବ୍ଲାକ୍ ବେଲଟ୍ କାପାନ) ଙ୍କୁ କରାଟେ କଳାର ନୀରବ ଛିନ୍ନ ପ୍ରଚାର ପ୍ରସାର ପାଇଁ ବିଶେଷ ରୂପେ ସମ୍ମାନିତ କରାଯାଇଥିଲା । ଉକ୍ତର ସଫଳତା ପାଇଁ ପୂମା ଏକାଡ଼େମୀର ସଭାପତି ପ୍ରଫୁଲ୍ଲ କୁମାର୍ ଦେଓ ଅଭିନନ୍ଦନ ଜଣାଇଛନ୍ତି ।

ଜିଲାସ୍ତରୀୟ ପାଣି ପଂଚାୟତ ପକ୍ଷ ପାଳନ

ଉତ୍କଳ,୧୫/୧(ନି/ପ୍ର):ପାଣି ପଂଚାୟତ ଓ ଜଳସେଚନ ବିଭାଗ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା କରାଯାଇପାରିଲେ ଜିଲାର ଚାଷଜମିରେ ଶସ୍ୟ ଉତ୍ପାଦନ କ୍ଷେତ୍ରରେ କୌଣସି ପ୍ରତିବନ୍ଧକ ରହିବ ନାହିଁ । ଶସ୍ୟ ଉତ୍ପାଦନ କ୍ଷେତ୍ରରେ ଯଥେଷ୍ଟ ସଫଳତା ମିଳିବ । ଚାଷୀର ଆର୍ଥିକ ସ୍ଥିତି ସୁଦୃଢ ହେବ । ଏଥିସହାଶେ ଜଳସେଚନ ବିଭାଗ କର୍ତ୍ତୃପକ୍ଷ ଓ ପାଣି ପଂଚାୟତ କର୍ମଚାରୀମାନେ ପରସ୍ପର ଯୋଗାଯୋଗ ରକ୍ଷା କରିବା ଉଚିତ୍ ବୋଲି ଜିଲାପାଳ ବିଭୀଷ ରାଉତରାଏ ଜିଲାସ୍ତରୀୟ ପାଣି ପଂଚାୟତ ପକ୍ଷ ପାଳନ ଅବସରରେ ମତ ପ୍ରକାଶ କରିଛନ୍ତି । ଜିଲା ପରିଷଦ ସଭିଳନୀ କକ୍ଷରେ ସାଳନ୍ଦୀ କେନାଲ ଡିଭିଜନ ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ ପାଣି ପଂଚାୟତ ପକ୍ଷ ପାଳନ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଜିଲାପାଳ ଶ୍ରୀ ରାଉତରାଏ ଆହୁରି କହିଲେ ଯେ ଭବିଷ୍ୟତରେ ଜଳର ଘୋର ଅଭାବ ସାରା ବିଶ୍ୱ ପାଇଁ ଚିନ୍ତାର କାରଣ ହେବ । ଆଗାମୀ ପିଢି ଏହି ଗୁରୁତର ଜଳସଂକଟର ସମ୍ମୁଖୀନ ହେବେ । ଭବିଷ୍ୟତରେ ଜଳସଂକଟରୁ ରକ୍ଷା ପାଇଁ ଜଳକୁ ଅଯଥା ଅପଚୟ ନକରି ସଞ୍ଚିତ ରଖିବା ପ୍ରତ୍ୟେକ ବ୍ୟକ୍ତିର କର୍ତ୍ତବ୍ୟ ହେବା ବୋଲି ସେ କହିଥିଲେ । ଏହି ଉତ୍ସବରେ ଅଧକ୍ଷତା କରିଥିବା ଶାଳପଡା ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ପ୍ରତାପ କୁମାର ଦାସ ପାଣି ପଂଚାୟତ ପକ୍ଷ ପାଳନର ଆଭିମୁଖ୍ୟ ସଂପର୍କରେ ସୂଚନା ଦେଇଥିଲେ । ବିଶେଷକରି ଜିଲାରେ ଥିବା ସମସ୍ତ କେନାଲ ଗୁଡିକୁ ଆଧୁନିକ ଜ୍ଞାନ କୌଶଳରେ ସୁଦୃଢୀକରଣ କରି ସମସ୍ତ ଚାଷଜମିକୁ ଜଳ ଯୋଗାଣ ନିମନ୍ତେ ସରକାରଙ୍କ ତରଫରୁ ଡିପିଆର ପ୍ରସ୍ତୁତି ଚାଲିଛି ବୋଲି ସେ କହିଥିଲେ । ସାଳନ୍ଦୀ କେନାଲ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ହିତେଶ କୁମାର ସାହୁ ଧନ୍ୟବାଦ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୂହାଣ, ମୁଖ୍ୟ ଜିଲା ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର କୁମାର ସାମଲ, ଉତ୍ତର ସାଳନ୍ଦୀ ଜଳସେଚନ ବିଭାଗ, ମାର୍କୋଣା, ଖରଜା ଜଳସେଚନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟସୁନ୍ଦର ମଣ୍ଡଳ, ମନୋଜ କୁମାର ନାୟକ, ଦଶରଥ ମୁର୍ମୁଙ୍କ ସମେତ ଅତିରିକ୍ତ ଜିଲା କୃଷି ଅଧିକାରୀ ଯୋଗ ଦେଇଥିଲେ । ସେହିପରି ଉତ୍ତର ପାଣି ପଂଚାୟତର ପ୍ରମୁଖ କର୍ମଚାରୀ ଅଜର୍ଯ୍ୟାମୀ ତ୍ରିପାଠୀ, ଭରତ ତ୍ରିପାଠୀ, ଶେଷଦେବ ପରିଡା, ଆଶୁତୋଷ ଜଳସେଚନ ବିଭାଗ ଅଧୀନସ୍ଥ ପାଣି ପଂଚାୟତ କର୍ମଚାରୀମାନେ ଯୋଗ ଦେଇଥିଲେ । ଅନୁଷ୍ଠିତ ଏହି ଉତ୍ସବରେ ବିଭାଜନ ଓ ଜିଲାସ୍ତରରେ ପାଣିର ଉପଯୋଗିତା, ଅପଚୟ ଓ ସୁବିନିଯୋଗ ସଂପର୍କରେ ବକ୍ତୃତା, ସାଧାରଣ ଜ୍ଞାନ, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା କୃତି ହାସଲ କରିଥିବା ୨୪ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।

ଜୁଡୋରେ ବୁଦ୍ଧାଦିତ୍ୟଙ୍କୁ ବ୍ଲାକବେଲ୍ଟ

ଉତ୍କଳ,୧୫/୧(ନି/ପ୍ର): କଟକର ବେଲଗଛିଆଠାରେ ସମ୍ବଳ୍ପା ଗ୍ରୁପ ଅଫ ଇନଷ୍ଟିଚ୍ୟୁଟାରେ ଗତ ୯ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ସମ୍ବଳ୍ପ ରାଜ୍ୟ ସ୍ତରୀୟ 'ଜୁଡୋ' ସେମିନାର ଅନୁଷ୍ଠିତ ହୋଇଯାଇଛି ।ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୧୫୦ ପ୍ରତିଯୋଗୀ ଅଂଶ ଗ୍ରହଣ କରି ପ୍ରଶିକ୍ଷଣରେ ଅଂଶ ଗ୍ରହଣ କରିଥିଲେ ।ଝାଡ଼ାରିପୋଖରୀ ବ୍ଲକ ବାଲିପୋଖରୀ ମାନପୁରର ବୁଦ୍ଧାଦିତ୍ୟ ସ୍ୱାଇଁ ଏଥିରେ କୃତିତ୍ୱ ପ୍ରଦର୍ଶନ କରି ବ୍ଲାକବେଲ୍ଟ ହାସଲ କରିଛନ୍ତି ।

ଶ୍ରେଷ୍ଠ ଜିଲ୍ଲା ହେବ କେନ୍ଦୁଝର : ମୁଖ୍ୟମନ୍ତ୍ରୀ

କେନ୍ଦୁଝର,୧୫/୧(ନି/ପ୍ର):

ବିବିଧା

ସର୍ବକନିଷ୍ଠ କମର୍ସିଆଲ୍ ପାଇଲଟ୍

ସଫଳତାର ମାପକାଠି ନୁହେଁ ବୟସ, ଯାହାକୁ ପ୍ରମାଣିତ କରିଛନ୍ତି, କର୍ଣ୍ଣାଟକର ସମାୟରା । ଯେଉଁ ବୟସରେ ମହିଳାମାନେ କଲେଜ ଯାଆନ୍ତି, ସେ ବୟସରେ ସେ ଆକାଶରେ ଉଡ଼ିବାର ସ୍ୱପ୍ନକୁ ପୂରା କରିଛନ୍ତି । ଭାରତର ସର୍ବକନିଷ୍ଠ ପାଇଲଟ୍ ହେବାର ସେ ସୌଭାଗ୍ୟ ଅର୍ଜନ କରିଛନ୍ତି । ଯାହାକୁ ପାଇବା ପାଇଁ ଲୋକେ ଦିନରାତି ସଂଘର୍ଷ କରନ୍ତି, ତାହାକୁ ଅଳ୍ପ ବୟସରେ କରି ଦେଖାଇଛନ୍ତି, ବିଜୟପୁରାର ସମାୟରା ହୁଲ୍ଲୁର । ମାତ୍ର ୧୮ ବର୍ଷ ବୟସରେ ସେ କମର୍ସିଆଲ୍ ପାଇଲଟ୍ ହେବାର ଲାଇସେନ୍ସ ପ୍ରାପ୍ତ କରିଛନ୍ତି । ଏବେ ସେ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି ।

କର୍ଣ୍ଣାଟକ ବିଜୟପୁରାରେ ରହୁଥିବା ସମାୟରାଙ୍କ ପିତାହେଉଛନ୍ତି ପ୍ରାଥମିକ କୃଷି ଏବଂ ଗୋଟ ପ୍ରତି ଆଗ୍ରହ ଥିଲା । ତାଙ୍କ ପିତା ଜଣେ ବ୍ୟବସାୟୀ ଥିବାବେଳେ, ମାତା ପଢ଼ିଛନ୍ତି ସ୍କୁଲ୍ ବିଜାପୁରର ଜୋଏଣ୍ଟ ଡିରେକ୍ଟର୍ ଥିଲେ । କିନ୍ତୁ ସମାୟରା ପିଲାବେଳୁ କିଛି ଭିନ୍ନ କରିବାକୁ ଚାହୁଁଥିଲେ । ପ୍ରାଥମିକ ଶ୍ରେଣୀରେ ପଢୁଥିବାବେଳେ ସେ ବିଜାପୁରର ନବଭାରତପୁର ଉଚ୍ଚବିଦ୍ୟାଳୟରେ ଦେଖିବାକୁ ଯାଉଥିଲେ । ତାଙ୍କ ମାଆ ମଧ୍ୟ କନ୍ଦପିଟ୍‌ରେ ବସିଥିଲେ । ତାଙ୍କ ମାଆ ପାଇଲଟ୍ ବର୍ଦ୍ଦି ଦେଖି ଖୁବ ପ୍ରଭାବିତ ହୋଇଥିଲେ । ଏବଂ ଶିଅନ୍ତୁ ଭବିଷ୍ୟତରେ ପାଇଲଟ୍ ହେବା ପାଇଁ କହିଥିଲେ । ସେହେତୁ ସମାୟରା ପାଇଲଟ୍ ହେବାକୁ ଭାବିଥିଲେ । ଏଥିପାଇଁ ୮ ବର୍ଷର ଥିବାବେଳେ ସେହେ ଜବ୍ ନ କରି ପାଇଲଟ୍ ହେବାକୁ ମନସ୍ଥ କଲେ । ଧୀରେ ଧୀରେ ଏ ସ୍ୱପ୍ନଦୀୟାଷ୍ଟାନ ବଦଳାଇଲେ । ୧୭ ବର୍ଷ ବୟସରେ ସ୍କୁଲ୍ ଦୂର ଶିକ୍ଷା ସମାପ୍ତ ପରେ ସେ ବିଶ୍ୱାସ ଆଣି ଏବାନ୍ ଏକାଡେମୀରେ ପାଠ ପଢ଼ିଲେ । ଏଥିରେ

ତାଙ୍କୁ ଏୟାର୍ ନେଭିଗେସନ୍, ଆଭିଏସନ୍ ମେଟ୍ରୋଲୋଜି, ଏୟାର୍ ନେଭିଗେସନ୍ ଭଳି ଛଅଟି ପେପର୍ ପାସ କରିବାର ଥିଲା । ପ୍ରତି ପେପରରେ ୧୦୦ ମାର୍କ ଉଣ୍ଡା ବାଧ୍ୟତାମୂଳକ ଥିଲା । ସେ ପ୍ରଥମ ପ୍ରୟାସରେ ଦୁଇଟି ପେପର ଛାଡ଼ିଦେଇଥିଲେ । ଏହାପରେ ଅନ୍ୟ ପେପର ଛାଡ଼ିଦେଇଥିଲେ । ତିନିଟିଏ ଦ୍ୱାରା ମାନ୍ୟତା ପ୍ରାପ୍ତ ଏୟାର୍ ରେଗୁଲେଜନ୍, ନାଭିଗେସନ୍ ଏବଂ ମେଟୋଲୋଜି ପରୀକ୍ଷା ପାସ୍ କଲେ । ୨୦୨୪ ମସିହାରେ ସମାୟରା ପୁଣେର କାରାମଡ଼ା କାର୍ଗିଲ ଆଭି ଏବିଏସନ ଲିଜ ହୋଇଥିଲେ । ସେଠାରେ ଫୁଲଟାଇମ ପାଇଲଟ ବିମାନ ଚାଳେଁ କରିବା ପରେ ତାଙ୍କୁ ଲାଇସେନ୍ସ ମିଳିଥିଲା । ଏବେ ସେ ଲାଇସେନ୍ସ ସହିତ ବିମାନ ଚାଳିକାରେ ଚିଜକୁ ଚାଳିକ ପାଇଲଟ୍ ଚାଳିକାରେ ଚିଜକୁ ଚାଳିକ କରିଥିଲେ ।

କାକର ଟୋପାରେ ଚମକିବ ତ୍ୱଚା

ମହିଳାମାନେ ସୁନ୍ଦର ତ୍ୱଚା ପାଇଁ ବହୁ ଦାମୀ ପ୍ରସାଧନ ଲଗାଇଥାନ୍ତି । ହେଲେ ଅନେକ ସମୟରେ ତ୍ୱଚାରେ ଏହାର ନକାରାତ୍ମକ ପ୍ରଭାବ ପଡ଼ିଥାଏ । ଏପରି ସ୍ଥଳେ ପ୍ରାକୃତିକ ଉପାୟରେ ତ୍ୱଚାର ଯତ୍ନ ନେବା ପାଇଁ କାକର ଟୋପାକୁ ଲଗାଇପାରିବେ । ଏହା ତ୍ୱଚାରେ ଚମକ ଆଣିଥାଏ ।

ଆର୍ଦ୍ରତା

କାକରରେ କୌଣସି ରାସାୟନିକ ପଦାର୍ଥ ନାହିଁ । ସେଥିପାଇଁ ଏହାକୁ ତ୍ୱଚାରେ ଲଗାଇଲେ ଏହା ପରାଗରୁ ସଫା କରିଥାଏ । ବିଶେଷ କରି ଶୁଷ୍କ ତ୍ୱଚା ପାଇଁ ଅତି ଲାଭଦାୟକ ହୋଇଥାଏ । ଏହାକୁ ସୈକିକ ବ୍ୟବହାର କଲେ ତ୍ୱଚା ଉଜ୍ଜ୍ୱଳ, ନରମ ଓ ନମ୍ର ରହିଥାଏ । ସେହିପରି ଏହା ତ୍ୱଚାରେ ଆର୍ଦ୍ରତା ବଜାୟ ରଖିଥାଏ ।

କାଳା ବୃତ୍ତରୁ ମୁକ୍ତି

କାକର ଟୋପା ତ୍ୱଚାକୁ ଥଣ୍ଡା ରଖିଥାଏ । ଏଥିସହ ଏହା କାଉସମସ୍ୟା ଦୂର କରିବାରେ ମଧ୍ୟ ସହାୟକ ହୋଇଥାଏ । ସୈକିକ ଏହା ଲଗାଇଲେ ଏହା ତ୍ୱଚାକୁ ଉଜ୍ଜ୍ୱଳ ଏବଂ ପରିଷ୍କାର କରିଥାଏ ।

ଚର୍ମକୁଞ୍ଚନ ଦୂର

ସନ୍ଧାନ କାକର ତ୍ୱଚାକୁ ସତେଜ କରିଥାଏ । ଏହାକୁ ବ୍ୟବହାର କଲେ ତ୍ୱଚାରେ ଘାଉନ୍ ଲାଇନ୍, ଚର୍ମକୁଞ୍ଚନ ସମସ୍ୟା ଦୂର ହୋଇଥାଏ ।

ସ୍ୱଚ୍ଛତା ପାଇଁ ପର୍ସରେ ରଖନ୍ତୁ...

ବ୍ୟସ୍ତ ଜୀବନଶୈଳୀରେ ସ୍ୱଚ୍ଛତା ବଜାୟ ରଖିବା ଖୁବ୍ ଜରୁରୀ । ଅଫିସ୍, କଲେଜ, ଟ୍ରେଣ୍ଡ ଅବା ସୁଟିଂ ସବୁ ସମୟରେ ନିଜକୁ ସତେଜ ରଖିବା ଆବଶ୍ୟକ । କିନ୍ତୁ ଅନେକେ ସମୟାଭାବ ଏବଂ ନିର୍ଦ୍ଦିଷ୍ଟ ଜିନିଷ ନ ଥିବାରୁ ସ୍ୱଚ୍ଛତା ରଖିପାରନ୍ତି ନାହିଁ । ତେଣୁ ବାହାରକୁ ଯାଉଥିଲେ ବ୍ୟାଗ୍‌ରେ ବ୍ୟକ୍ତିଗତ ସ୍ୱଚ୍ଛତା ପାଇଁ କିଛି ଜରୁରୀ ଜିନିଷ ରଖିବା ଆବଶ୍ୟକ ।

ଦୁର୍ଗନ୍ଧ ଦୂର ପାଇଁ ପରଫ୍ୟୁମ୍

ଭଲୟ ଖରା ଏବଂ ଶୀତଦିନେ ମଧ୍ୟ କାଖରୁ ଦୁର୍ଗନ୍ଧ ବାହାରିଥାଏ । ତେଣୁ ବାହାରକୁ ଯାଉଥିଲେ ବ୍ୟାଗ୍‌ରେ ଗୋଟିଏ ଛୋଟ ଟି – ଟ୍ରି ଅଏଲ୍ ରଖିବା ଆବଶ୍ୟକ । ଏହାର କିଛି ବୁନ୍ଦା କାଖରେ ଲଗାଇଲେ ଏହା ଦୁର୍ଗନ୍ଧ ଦୂର କରିବାରେ ସାହାଯ୍ୟ ହୋଇଥାଏ । ସେହିପରି ଚାହିଁଲେ କୌଣସି ଗୋଲ୍‌ଡ୍ରପ୍ ମଧ୍ୟ ଲଗାଇପାରିବେ ।

ବ୍ୟାଗ୍‌ରେ ରଖନ୍ତୁ ଲିବଜ

ବାହାରେ ପିଆଜ ରସୁଣ ଯୁକ୍ତ ଖାଦ୍ୟ ଖାଇଲେ ପାଟିରୁ ଦୁର୍ଗନ୍ଧ ବାହାରିଥାଏ । ଫଳରେ କଥା କହିବା ସମୟରେ ଲଜ୍ଜା ଅନୁଭବ ହୋଇଥାଏ । ଏଥିରୁ ବଞ୍ଚିବା ପାଇଁ ସର୍ବଦା ବ୍ୟାଗ୍‌ରେ ଲିବଜ ରଖିବା ଜରୁରୀ ।

ସାନିଟାଇଜର୍

ହାତରେ ଅଧିକ ଜୀବାଣୁ ଥାଆନ୍ତି । କାହାକୁ ଛୁଇଁବାରେ ଅଧିକାଂଶ ଲୋକେ ସବୁ ଜିନିଷକୁ ସ୍ପର୍ଶ କରନ୍ତି । ଏପରିସ୍ଥଳେ ହାତରୁ ବ୍ୟାକ୍‌ଟେରିଆ ଧୋଇବା ଗୁରୁତ୍ୱ ନୁହେଁ । ତେଣୁ ଏଥିରୁ ସୁରକ୍ଷା ପାଇଁ ହ୍ୟାଣ୍ଡ ସାନିଟାଇଜର୍ ବ୍ୟବହାର କରିପାରିବେ ।

ମିସ୍‌ମ୍ୟାଚ୍ ଇୟରିଙ୍ଗ୍

ସମୟାନୁସାରେ ଅନେକ ଫେଶନ ଟ୍ରେଣ୍ଡ ଦେଖିବାକୁ ମିଳିଥାଏ । କାନଫୁଲ, ପାଉଁଜି ଆଦି ମହିଳାମାନେ ମ୍ୟାଚ୍ କରି ପିନ୍ଧନ୍ତି । କିନ୍ତୁ ବଦଳୁଥିବା ସମୟ ଅନୁସାରେ ଚିନ୍ତାଧାରାରେ ମଧ୍ୟ ପରିବର୍ତ୍ତନ ପରିଲକ୍ଷିତ ହେଉଛି । ଏହାର ଏକ ଉଦାହରଣ ହେଉଛି ମିସ୍‌ମ୍ୟାଚ୍ ଇୟରିଙ୍ଗ୍‌ସ । ଯାହା ସିଂଗଲ ଲୁକ୍‌କୁ ମଧ୍ୟ ସୁନ୍ଦର ଏବଂ ଆକର୍ଷଣୀୟ କରିଥାଏ । ଏହାଦ୍ୱାରା ଆତ୍ମବିଶ୍ୱାସ ବୃଦ୍ଧି ହୋଇଥାଏ ।

ମିସ୍‌ମ୍ୟାଚ୍ ଇୟରିଙ୍ଗ୍‌ସ କ'ଣ ?

ସାଧାରଣତଃ ମହିଳାମାନେ ଦୁଇକାନରେ ସମାନ ଡିଜାଇନର କାନଫୁଲ ପିନ୍ଧିଥାନ୍ତି; କିନ୍ତୁ ମିସ୍‌ମ୍ୟାଚ୍ ଇୟରିଙ୍ଗ୍‌ରେ କାନଫୁଲ ଡିଜାଇନ ଅସମାନ ଥାଏ । କିଛି ଡିଜାଇନ୍ ଆକାର ସତ୍ତ୍ୱେ, ଏହାକୁ ପିନ୍ଧିଲେ ଏଥିରୁ ଖୁବ୍ ସୁନ୍ଦର ଲୁକ୍ ମିଳିଥାଏ । ତେଣୁ ଏହା ଫେଶନ ଦୁନିଆରେ ଖୁବ୍ ଲୋକପ୍ରିୟ ଲାଗିଛି ।

ସେହିପରି ଏହି କାନଫୁଲ ବହୁ ଆଇଟମ୍‌ଟିଏ ଏବଂ ସବୁ ବୟସର ଲୋକଙ୍କୁ ଭଲ ମାନିଥାଏ । ଏହାକୁ ଦେଖେଇ ପଢୁଆ ସୁତରାଂ କିଛି ଏବଂ ଫରମ ସହ ପିନ୍ଧିପାରିବେ । ସେହିପରି ଶାଢ଼ି ଏବଂ ଛୁରୀ ସହ ପିନ୍ଧିଲେ ମଧ୍ୟ ଏଥିରୁ ଆଧୁନିକ ଗଢ଼ ଏକ ପାରମ୍ପରିକ ଲୁକ୍ ମିଳିଥାଏ । ବର୍ତ୍ତମାନ ସମୟରେ ଏ ପ୍ରକାର ଡିଜାଇନ୍ ଲୋକପ୍ରିୟ ରହିଛି । ଏହା ଏକ ଆକର୍ଷଣୀୟ ଲୁକ୍ ଦେଇଥାଏ । ଏହା କେବଳ କେବଳ ମଧ୍ୟରେ ହେଉ ଲୋକପ୍ରିୟ ରହିଛି ।

ଗାଜର ରସମଲାଇ

ଗୋ ହାଣ୍ଡିଆଲୁ...

ଆବଶ୍ୟକ ସାମଗ୍ରୀ

ଗାଜର – ୩୦୦ ଗ୍ରାମ୍, ଚାଉଳଗୁଣ୍ଡ – ଅଧା କପ୍, ଚୁଣ୍ଡ – ଏକ ଲିଟର, ମିଲ୍କ ପାଉଡର୍ – ଏକ ଚାମଚ, ଚୁଜି – ୧୫୦ ଗ୍ରାମ୍, ଚେଷ୍ଟର – ଏକ ଚାମଚ, ଅଳେଇଚ ପାଉଡର – ଅଧା ଚାମଚ, ଚିନି ସ୍ୱାଦ ଅନୁସାରେ, ପିଅ ଆବଶ୍ୟକତା ଅନୁସାରେ ।

ପ୍ରସ୍ତୁତି ପ୍ରଣାଳି

ପ୍ରଥମେ ଗାଜରକୁ ଛୋଟ ଛୋଟ ଟୋପା ଯାହା ଛୋଟ ଖଣ୍ଡ କରି ଲାଗନ୍ତୁ । ଏହାକୁ ଗୁଳିକ୍ରିଟ କାନ୍ଦୁରେ ନେଇ ମେଣ୍ଟ କରନ୍ତୁ । କଡ଼େଇ ବସାଇ ସେଥିରେ ଏକ ଚାମଚ ଘିଅ ଦିଅନ୍ତୁ । ଏହାପରେ ଭାଜପତ୍ର ଫୋଡ଼ନ ଧୂମ ଆଣିରେ ବସାଇ ଫୋଡ଼ାନ୍ତୁ । ତାକରରୁ ପାଣି ବାହାରିବା ପରେ ଏଥିରେ ଚିନି ଦିଅନ୍ତୁ । ଏହା ଚରେଣି ଯିବାପରେ ଏଥିରେ ଦୁଇ କପ୍ ଦୁଧ ଶୀତ ହେଲା ଦୁଇବଣ୍ଟୁ ସ୍ୱାଦି ଦିଅନ୍ତୁ । ଏହାକୁ ଧୀମା ଆଣିରେ ବସାଇ ଗୋଳାନ୍ତୁ । ଏହାପରେ ଗାଖ୍ ହେବାକି ଜାଳୁଣି ଗୋଡ଼ାଇ ୧୫ମିନିଟ୍ ଝାଡ଼ନ୍ତୁ । ରସମଲାଇ ପ୍ରସ୍ତୁତ କରିବା ପାଇଁ ପ୍ରଥମେ ଗୋଟିଏ କଡ଼େଇରେ ଏକ ଲିଟର କ୍ଷୀର ନିଅନ୍ତୁ । ଏହାକୁ ହାଇଫ୍ଲେମରେ ଫୁଟାନ୍ତୁ । ଏଥିରେ ମିଲ୍କ ପାଉଡର, ଚେଷ୍ଟର, ଗ୍ରାଏଣ୍ଡସ୍ ମଗେଟ ଚିନି ମିଶାନ୍ତୁ । ଶୀତଳ ହବାକିଆ ଦେବା ଯାଏ ଗୋଳାନ୍ତୁ । ତରଳିଆ ହୋଇଆସିଲେ ଥଣ୍ଡା ହେବା ପାଇଁ ରଖନ୍ତୁ । ଏହାପରେ ପ୍ରସ୍ତୁତ କରି ରଖିଥିବା ଛାଳଛଡ଼ା ଗାଜରରୁ ଛୋଟ ଛୁଟା କରନ୍ତୁ । ଏହାକୁ କଡ଼େଇରେ ପାଣି ରଖି ବାଜି ଦିଅନ୍ତୁ । ପରେ ଏହାକୁ ପ୍ରସ୍ତୁତ କରିଥିବା ଘରୋଇରେ ଦିଅନ୍ତୁ । ଏହା ଉପରେ ଥଣ୍ଡା ରାତିରି ପରାଇ ସେହି ଦେବା ପାଇଁ ଫ୍ରିଜରେ ଅଧ ଘଣ୍ଟା ରଖନ୍ତୁ । ଏହାପରେ ଫ୍ରେଣ୍ଡ୍ ଜାତି ପରଖନ୍ତୁ ସ୍ୱାଦିଷ୍ଟ 'ଗାଜର ରସମଲାଇ' ।

ଫାର୍‌ସି ସାଲ୍‌ୱାର୍

ସାଧାରଣତଃ ବିବାହ ଉତ୍ସବରେ ମହିଳାମାନେ ସ୍ୱତନ୍ତ୍ର ଡିଜାଇନର ପୋଷାକ ପିନ୍ଧିବାକୁ ପସନ୍ଦ କରନ୍ତି । ସେହିପରି ଜିନ୍ସ ମହିଳା ଆଧୁନିକ ସହ ପାରମ୍ପରିକ ପୋଷାକ ପିନ୍ଧିବାକୁ ଚାହାଁନ୍ତି । ଏପରି ସ୍ଥଳେ ଫାର୍‌ସି ସଲ୍‌ୱାର୍ ସୁଟ୍ ପିନ୍ଧିପାରିବେ । ଏହା ସୁନ୍ଦର ଦିଶିବା ସହ ଏଥିରୁ ଏକ ରାଜକୀୟ ଲୁକ୍ ମିଳିଥାଏ । ଏହି ପୋଷାକ ମୋଗଲ କାଳ ସହ ଜଡ଼ିତ । ସେ ସମୟରେ ଏହାର ଖୁବ୍ ଚାହିଦା ଥିଲା ।

ଶୀତ ପାଇଁ ଭଲ ଚିଜକ୍ସ

ବିଶେଷ କରି ଶୀତଦିନେ ଏହାର ଖୁବ୍ ଚାହିଦା ଥାଏ । ଏହା ମଲ୍‌ମଲ୍, ଲର୍ସ ଏବଂ ସୁତାରେ ପ୍ରସ୍ତୁତ ହୋଇଥାଏ । ଏହା ଶରୀରକୁ ଶୀତରୁ ସୁରକ୍ଷା ଦେବା ସହ ଏକ ରାଜକୀୟ ଲୁକ୍ ପ୍ରଦାନ କରିଥାଏ । ସଙ୍ଗୀତ ମହୋତ୍ସବ, ବିବାହ, ଉତ୍ସବ ଏବଂ ଶାସ୍ତ୍ରୀୟ ଜାର୍ଯ୍ୟକ୍ରମ ପାଇଁ ଭଲ ହୋଇଥାଏ ।

ଆଧୁନିକ ଷ୍ଟାଇଲ୍‌ରେ ନିଯନ୍ତ୍ରଣ

ବର୍ତ୍ତମାନ ସମୟରେ ଏହି ଫର୍ସି ସୁଟ୍ ପିନ୍ଧିବାବେଳେ ଷ୍ଟାଇଲ୍ ଦେଶୀ ଗୁରୁତ୍ୱ ଦିଆଯାଉଛି । ଛୋଟ, ସର୍ଟ କୁର୍ତ୍ତୀ ଏହାକୁ ବେଶୀ ଭଲ ମାନିଥାଏ । ସେହିପରି ସାମାନ୍ୟ ଏମ୍ବ୍ରୋଇଡ଼ାରୀ କାମ ଏହାକୁ ସୁନ୍ଦର କରିଥାଏ । ଶୀତଦିନେ ଫୋଲ୍ ଏବଂ କାଶ୍ମୀର ଷ୍ଟାଲ୍ କୁର୍ତ୍ତୀ ଏହାକୁ ଭଲ ମାନିଥାଏ । ସେହିପରି ଏଥିରେ ଗଣି ପରାଇଲେ ଏହା ଲୁକ୍‌କୁ ଆକର୍ଷଣୀୟ କରିଥାଏ ।

ଆଡ଼ସେସରିଜ୍‌ରୁ ରାଜକୀୟ ଲୁକ୍

ଏଥିସହ ଆକ୍ସେସରିଜ୍ ଲଗାଇଲେ ଏହା ସୁନ୍ଦରତାକୁ ଦ୍ୱିଗୁଣ କରିଥାଏ । ସେହିପରି ପାରମ୍ପରିକ ଛୋଟା ଏଥିରେ ରାଜକୀୟ ଲୁକ୍ ଦେଇଥାଏ ।

ଫେସିଆଲ୍ ଷ୍ଟିମିଂ

ମହିଳାମାନେ ତ୍ୱଚାକୁ ନେଇ ଅଧିକ ଯତ୍ନବାନ ଥାନ୍ତି । ଏଥିପାଇଁ ଅନେକ ଦାମୀ ପ୍ରସାଧନ ସାମଗ୍ରୀ ବ୍ୟବହାର କରିଥାନ୍ତି । କିନ୍ତୁ ତ୍ୱଚାକୁ ଅଧିକ ସୁନ୍ଦର ଓ ଆକର୍ଷଣୀୟ କରିବାକୁ ଚାହୁଁଥିଲେ, ଷ୍ଟିମ୍ ଉତ୍ତମ ବିକଳ୍ପ । ଦୁଇଟି ଉପାୟରେ ଏହି ଫେସିଆଲ୍ ଷ୍ଟିମିଙ୍ଗ୍ ଆପଣାର ମୁହଁକୁ ଉଜ୍ଜ୍ୱଳ କରିପାରିବେ । ତେବେ ଷ୍ଟିମିଂର ଉପକାରିତା କ'ଣ, ଜାଣି ରଖନ୍ତୁ ।

ତ୍ୱଚା ସୁସ୍ଥ ରହେ

ତ୍ୱଚାକୁ ପରିଷ୍କାର ରଖିବାରେ ଏହା ଖୁବ୍ ସହାୟକ ହୋଇଥାଏ । ମୁହଁରେ ଗରମ ବାଷ୍ପ ଦେବା ପରେ ମୁହଁରୁ ସବୁ ମୃତକୋଷ ସଫା ହୋଇଯାଏ । ଫଳରେ ମୁହଁ ଉଜ୍ଜ୍ୱଳ ଦିଶେ । ସପ୍ତାହକୁ ଦୁଇଥର ଏପରି କରିବା ତ୍ୱଚା ତ୍ୱଚା ସୁସ୍ଥ ରହିଥାଏ ।

ବ୍ଲାଡ୍‌ହେଡ୍ସ ଦୂର

ଶୀତଦିନେ ମୁହଁରେ ବ୍ଲାକ୍ ହେଡ୍ସ ଓ ହାଇଟ୍ ହେଡ୍ସ ସମସ୍ୟା ଅଧିକ ଦେଖିବାକୁ ମିଳିଥାଏ । ତେଣୁ ମୁହଁରେ ୫-୧୦ ମିନିଟ୍ ବାଷ୍ପ ଦିଅନ୍ତୁ । ଏହାପରେ ମୁହଁକୁ ଷ୍ଟ୍ରଙ୍ଗ୍ କରିବା ଦ୍ୱାରା ବ୍ଲାକ୍‌ହେଡ୍ସ ତ୍ୱଚାରୁ ବାହାରିଯାଏ । ଷ୍ଟିମ୍ ଦ୍ୱାରା ତ୍ୱଚା ଉଜ୍ଜ୍ୱଳ ରହିଥାଏ ।

ଉତ୍କଳ ସମାଚାର

ସମ୍ପାଦକୀୟ...

ଶୁକ୍ରବାର ୧୬ ଜାନୁଆରୀ ୨୦୨୬

ଚିନ୍ମୟ ଚେତନା : ଛୋଟ ମୋର ନାଁଟି

ମୋର ନିଜ ନାଁଟି ପ୍ରତି ମୋର ଅନୁରାଗ ପ୍ରବଳ । ଏହି ନାମର ଉଚ୍ଚାରଣଠୁଁ ବଳି ଅଧିକ ସୁମଧୁର ସଙ୍ଗୀତ ମୋ କାନରେ କେବେ ବାଜି ନାହିଁ । ନିଜ ନାଁ ପ୍ରତି ଏହି ଅତି ଆସକ୍ତି ମୋର ଏକ ଅସ୍ୱାଭାବିକତା କି ? ଏ ସମ୍ବନ୍ଧରେ ମୋ ମନରେ ଥିବା ସନ୍ଦେହକୁ ଆଶ୍ୱସ୍ତି ମିଳିଲା, ଯେତେବେଳେ ମୁଁ ଜାଣିଲି କୋଟି କୋଟି ଜନତାଙ୍କୁ ପ୍ରଭାବିତ କରିଥିବା ଆମେରିକୀୟ ଲେଖକ ଡେଲ୍‌କାର୍ନେଗିଙ୍କ ଏହି ପ୍ରଶ୍ନରେ ଉକ୍ତିଟିକୁ । ପ୍ରେରଣାମୂଳକ, ଆତ୍ମ-ସୁଧାର ମୂଳକ ତଥା ବ୍ୟକ୍ତିତ୍ୱ ଉନ୍ନତି ବିଷୟକ ପୁସ୍ତକଗୁଡ଼ିକର ଆଦ୍ୟ ସ୍ରଷ୍ଟା ଡାର୍ନେଗିଙ୍କ କହିବା ଅନୁସାରେ 'ଯେ କୌଣସି ଭାଷାରେ ହେଉନା କାହିଁକି, ଜଣେ ବ୍ୟକ୍ତି ତାଙ୍କ ନିଜ ନାଁଟି ସବୁଠାରୁ ସୁମିଷ୍ଟ ଓ ମହତ୍‌ପୂର୍ଣ୍ଣ ଶବ୍ଦ ।' ଡେଣ୍ଟେ କାର୍ନେଗି କହୁଥିଲେ ଯେ କାହାକୁ ପ୍ରଭାବିତ କରିବାକୁ ହେଲେ ପ୍ରଥମେ ତା'ର ନାଁଟିକୁ ମନେ ରଖ, ଆଉ ସଠିକ୍ ? ଉଚ୍ଚାରଣ କରି ଡାକ । ଏହା ଦ୍ୱାରା ଲୋକଟିର ଆତ୍ମସମ୍ମାନ ଆପଣା ଛାଏଁ ବଢ଼ିଯିବ ଓ ସେ ତୁମେ କହୁଥିବା କଥାକୁ ଆହୁରି ଧ୍ୟାନ ଦେଇ ଶୁଣିବ । ଏହି ମନସ୍ତାତ୍ତ୍ୱିକ ନିଷ୍କର୍ଷଗୁଡ଼ିକୁ ଛାଡ଼ି ଆସନ୍ତୁ ଫେରିବା ମୋ ନିଜ ନାଁ ସମ୍ପର୍କିତ ମୋର ଅତୁଳନୀୟଗୁଡ଼ିକୁ । ପାଟ ଦଶକ ପୂର୍ବେ ଉଭୟ ମୋର ନାଁ ଓ ସାଜିଆ ଥିଲା ଅପେକ୍ଷାକୃତ ବିରଳ, ଯାହା କି ମୋତେ କିଛିଟା ଆତ୍ମସମ୍ମାନ ଯୋଗାଉଥିଲା । ସମଗ୍ର ସ୍କୁଲରେ ଏହି ନାମଗୁଡ଼ିକର ଏକମାତ୍ର ସ୍ୱତ୍ୱାଧିକାରୀ ଥିଲି ମୁଁ । ଡେଣ୍ଟେ ମୋ ସାଙ୍ଗମାନେ ମୋତେ ସମ୍ବୋଧନ କରିବା ପାଇଁ ଏ ଦୁଇଟି ଭିତରୁ ଅପେକ୍ଷାକୃତ ସରଳ ଓ ସୁଲ୍ଲାକ୍ଷର-ମୁକ୍ତ 'ହୋତା' ଶବ୍ଦଟିକୁ ବାଛି ନେଇଥିଲେ । କିନ୍ତୁ ମୁଁ ଜ'ଣ ଜାଣିଥିଲି ଯେ ସେମାନେ ନାମଟିର ପରିଷ୍ଠା ଭିତରେ ଆବଶ୍ୟକ ସ୍ଥଳେ ତାଙ୍କର ସାଧାରଣ ଜ୍ଞାନ ହରାଇ ବସିବେ ବୋଲି ? ଥରେ ଛୁଟିଦିନ ସକାଳେ କେତେଜଣ ସାଙ୍ଗ ଆମ ଘର ସମ୍ମୁଖରେ ଠୁଳ ହୋଇ ମୋ ଉଦ୍ଦେଶ୍ୟରେ ଡାକ ପକାଇଲେ, 'ହୋତା, ହୋତା !' ବାପା ଘରେ ଥିବାରୁ କବାଟ ଖୋଲି ସେମାନଙ୍କୁ ମଜାଳିଆ ସ୍ୱରରେ ପଚାରିଲେ, 'ଏଠି ଛ' ଜଣ ହୋତା ଅଛନ୍ତି, ତୁମର କୋଉ ହୋତାକୁ ଦରକାର' ତାଙ୍କର ପ୍ରିୟ ସାଙ୍ଗଟି ହଠାତ କେମିତି ଛ' ଜଣରେ ପରିବର୍ତ୍ତିତ ହୋଇଗଲା ବୋଲି ଚିନ୍ତା କରୁ କରୁ ସେମାନେ ମୋର ପ୍ରଥମ ନାଁଟି ଆଉ ମନେ ପକେଇ ପାରିଲେ ନାହିଁ ଓ ବଜବଜ କରି ବାପାଙ୍କୁ ମୁହଁକୁ ଚାହିଁ ରହିଲେ । ବାପା ସବୁ କଥା ବୁଝିପାରି କହିଲେ, 'ବୁହ, ଚିନ୍ମୟକୁ ଡାକି ଦେଉଛି ।' ଏ ଘଟଣାର ଅନେକ ବର୍ଷ ପରେ ନିଜ ସାଙ୍ଗିଆକୁ ନେଇ ପୁଣି ଏକ ରହସ୍ୟମୟ ପରିସ୍ଥିତି ସୃଷ୍ଟି ହୋଇଥିଲା, ମୋର ଜଣେ ସାଙ୍ଗଙ୍କ ଅଧସ୍ତନ କର୍ମଚାରୀଙ୍କୁ କରିଆସେ । ସାଙ୍ଗ ଥିଲେ ଅନ୍ୟ ଏକ ରାଜ୍ୟରେ ପୁଲିସ ବିଭାଗର ଉଚ୍ଚାଧିକାରୀ । ସେତେବେଳେ ମୋବାଇଲ ଫୋନର ପ୍ରଚଳନ ଆରମ୍ଭ ହୋଇ ନ ଥିବାରୁ ଲ୍ୟାଣ୍ଡଲାଇନ୍ ଫୋନରେ କଥାବାର୍ତ୍ତା କରିବାକୁ ପଡୁଥିଲା । ଆବଦାଲାଭା ଅନୁସାରେ ବନ୍ଧୁଙ୍କ ବ୍ୟକ୍ତିଗତ ସହାୟକ ଫୋନ ଉଠାଇ ପରିଚୟ ପଚାରିଥିଲେ । ମୁଁ ମୋ ନାଁଟି କହିବାରୁ ସେ ନିଶ୍ଚିତ ହେବା ପାଇଁ ପଚାରିଲେ 'ଗୁପ୍ତାଜୀ' ମୁଁ କହିଲି, 'ନାଇଁ, ହୋତା'' । ସେ କହିଲେ, 'ଠିକ୍ ? ଅଛି ତେବେ, ଗୁପ୍ତାଜୀ' । ସେ ତାଙ୍କ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଲେ ଯେ 'ଓଡ଼ିଶାରୁ ଗୁପ୍ତାଜୀ ଆପଣଙ୍କ ସହ କଥା ହେବାକୁ ଚାହୁଁଛନ୍ତି ।' ଏମିତି ଆଉ କିଛି ଥର ଘଟଣାର ପୁନରାବୃତ୍ତି ହେବା ପରେ ମୁଁ, ବନ୍ଧୁ ଓ ତାଙ୍କ ସହାୟକଙ୍କ ତ୍ରିକୋଣୀୟ ସମ୍ପର୍କ ଭିତରେ 'ହୋତା' ଶବ୍ଦଟି ସବୁ ଦିନ ପାଇଁ ପରିବର୍ତ୍ତିତ ହୋଇଗଲା 'ଗୁପ୍ତା'ରେ । ଉଭୟ ମୁଁ ଓ ମୋର ବନ୍ଧୁ, ମୋ ନାଁ ସମ୍ବନ୍ଧୀୟ ସହାୟକଙ୍କର ବଦ୍ଧମୂଳ ଧାରଣାଟିକୁ ବଦଳେଇବା ପାଇଁ ଚାହି ନ ଥିଲୁ, କାରଣ ତାହା ଏକ କଠିନ କାମ ହୋଇଥାନ୍ତା । ଏହି ଅଲିଖିତାରୁ ମୁଁ ଜାଣିଲି ଆମ ଦେଶରେ 'ହୋତା' ସହିତ ସର୍ବାଧିକ ଛନ୍ଦ ମିଶୁଥିବା ସାଙ୍ଗିଆଟି ହେଲା 'ଗୁପ୍ତା' । ନାଁଟି କିଭୁ ଙ୍ଗରେଜୀ ଲେଖାରୁ ପଢ଼ି ବହୁତ ଲୋକ ଏହାକୁ 'ହୋତା' (ଯେମିତିକି ଟାତା, ବାତା) ଉଚ୍ଚାରଣ କରିଥାନ୍ତି । ମୋ ପ୍ରିୟ ନାଁଟିର ବିକୃତି ଖାଲି ଆମ ଦେଶ ଭିତରେ ସୀମିତ ନୁହେଁ, ଏହା ବିଦେଶକୁ ମଧ୍ୟ ବ୍ୟାପି ଯାଇଛି । ଥରେ ଚୀନ ଦେଶର ଙ୍ଗପାଇ ବିମାନ ବନ୍ଦର ଗେଟ୍ ଦ୍ୱାରାରେ ବିହାର ମୋ ପାଇଁ ଅପ୍ରତ୍ୟାଶିତ ଟ୍ୟାକ୍‌ସି ଚାଳକ ମୋ ନାଁର ଯେଉଁ ନାମ ଫଳକଟି ଧରିଥିଲେ, ସେଥିରେ ମୋର ସାଙ୍ଗିଆ ଲେଖାଥିଲା 'ହୋତ୍‌ସା' । 'ଯେ ଦେଶେ ଯାଇ, ସେ ଫଳ ଖାଇ' ନ୍ୟାୟରେ ମୁଁ ମୋର ଆତ୍ମ-ଅଭିମାନକୁ ଢୋକି ପକାଇ ଚୁପ୍‌ଚାପ୍ ତାଙ୍କ ଗାଡ଼ିରେ ବସିଥିଲି । ନିଜ ନାଁକୁ ଇଣ୍ଟରନେଟ୍‌ରେ ଖୋଜିବା ଗତ କିଛି ବର୍ଷ ହେଲା ମୁଁ ଅନେକଙ୍କ ଗୋଟିଏ ସଭାରେ ପରିଚୟ ହୋଇଗଲାଣି । ଏହି ଅଭ୍ୟାସଟିକୁ ଏକ ସୁନ୍ଦର ନାଁ ମଧ୍ୟ ଦିଆଯାଇଛି : 'ଅଙ୍ଗ ସନ୍ଧାନ' ବା 'ଗୁଗୋ ସର୍ଚ୍ଚ' । ଏହି 'ଅଙ୍ଗ ସନ୍ଧାନ' ଜରିଆରେ ମଧ୍ୟ ମୁଁ ଜାଣିବାକୁ ପାଇଛି ଯେ 'ଚିନ୍ମୟ ହୋତା' ନାମଟି ଆଉ ଏକ ବିରଳ ନାଁ ହୋଇ ରହି ନାହିଁ । ମୋ ପର ପିଢ଼ିମାନଙ୍କରେ ଅବିକଳ ଏହି ନାମଧାରୀ ଅନେକ ମଣିଷ ଧରଣୀର କୋଳ ମଣ୍ଡନ କରେଣି । ହିରୋସୀମାର ଶାନ୍ତି ସ୍ମାରକୀ ଠାରେ ପରମାଣୁ ବୋମା ଦ୍ୱାରା ମୃତ ୩୨୮,୯୨୯ ଜଣଙ୍କର ନାମ ଜାଲୁଘୁଡ଼ିକରେ ଲେଖା ହୋଇଛି । ସେ ନାମଗୁଡ଼ିକ ଉପରେ ଆଖି ବୁଲାଇବା ବେଳେ ମଧ୍ୟ ମୋ ଆଖି ଆପଣାଙ୍କାଏଁ ଚାଣ୍ଡି ହୋଇଯାଇଛି 'ହୋନା' ସାଜିଆ ସ୍ଥଳ କେତୋଟି ନାଁ ଉପରକୁ । ଇଣ୍ଟରନେଟ୍‌ର ଅନ୍ୟ 'ଚିନ୍ମୟ ହୋତା'ମାନେ ହୁଅନ୍ତୁ କି ହିରୋସୀମା ସ୍ମାରକୀର 'ହୋତା'ମାନେ ହୁଅନ୍ତୁ, ମୁଁ କାହାକୁ ବ୍ୟକ୍ତିଗତ ଭାବରେ ଜାଣେ ନାହିଁ । ହେଲେ ଆମର ସମାନ ନାମଟି ଯୋଗୁଁ ମୋତେ ଲାଗେ ଯେପରି ସେହି ଅଜଣା ବ୍ୟକ୍ତିମାନଙ୍କ ସହ ମୁଁ ଏକ ଆତ୍ମିକ ବନ୍ଧନରେ ବନ୍ଧା । ନାଁ କେବଳ ଗୋଟିଏ ଧ୍ୱନି । କିନ୍ତୁ ତା'ରି ମାଧ୍ୟମରେ ବି ଝଙ୍କୃତ ହୋଇ ଚାଲିଛି କେତେ ଅଜ୍ଞାତ ସମ୍ପର୍କର ସ୍ପନ୍ଦନ ।

'ତେଜସ୍' ଦୁର୍ଘଟଣା ସୃଷ୍ଟିକରେ ଅନେକ ପ୍ରଶ୍ନ

କୌଣସି ଦୁର୍ଘଟଣା ନିଶ୍ଚିତ ଭାବେ ଦୁଃଖଦାୟକ । ମାତ୍ର ଦୁର୍ଘଟଣାରେ କୌଣସି ଜୀବନ ହାନି ଅଧିକ ହୁଏତଦିବାରକ । ଦୁଇଜଣେ ଅନୁଷ୍ଠିତ ଏୟାର ପ୍ରଦର୍ଶନୀରେ ଉପସ୍ଥିତ ହଜାର ହଜାର ସଂଖ୍ୟକ ଦର୍ଶକ ଭାରତୀୟ ବାୟୁସେନାର 'ତେଜସ୍' ଲାଇଟ୍ କମ୍ବାଟ୍ ଏୟାରକ୍ରାଫ୍ଟର କ୍ଷମତା ଓ କୌଶଳ ପ୍ରଦର୍ଶନ ଦେଖୁଥିଲେ । ଭାରତରେ ନିର୍ମିତ ଏହି 'ତେଜସ୍' ବିମାନ ଉଡ଼ାଣ ଭରି ଆକାଶରେ ଗତି କରୁଥିବା ସମୟରେ ହଠାତ୍ ଭୂମିରେ ଖସିପଡ଼ିବା ଭାରଣରୁ ଦୁର୍ଘଟଣାଗ୍ରସ୍ତ ହୋଇ ଏକ ବଡ଼ ବିସ୍ଫୋରଣ ଘଟିବା ପରେ ହୁଡ଼ହୁଡ଼ ହୋଇ ଜଳିଯାଇଥିଲା । ଉପସ୍ଥିତ ଦର୍ଶକ ବିହ୍ୱଳ ହୋଇଗଲେ ସ୍ତବ୍ଧ । ଟିଭି ପରବାରେ ଉକ୍ତ ଦୃଶ୍ୟକୁ ଦେଖୁଥିବା ଦର୍ଶକ ହୋଇଥିଲେ ଚକିତ । ପରବର୍ତ୍ତୀ ସମୟରେ ଭାରତୀୟ ବାୟୁସେନାର ଉକ୍ତ ବିମାନର ପାଇଲଟ ଷ୍ଟିଙ୍ଗ କମାଣ୍ଡର ନମାଂଶ ସାୟଲଙ୍କ ମୃତ୍ୟୁ ଖବର ପ୍ରକାଶ ପାଇବା ପରେ ସମଗ୍ର ଦେଶରେ ଖେଳିଯାଇଥିଲା ଶୋକର ବାତାବରଣ । ଦୁଇଜଣ ଏୟାର ପ୍ରଦର୍ଶନୀକୁ ମାତ୍ର କିଛି ସମୟ ପାଇଁ ସ୍ଥଗିତ କରାଯାଇଥିଲା । ଦୁଇଜଣେ ଅନୁଷ୍ଠିତ ଏହି ପାଟଦିନିଆ ଏୟାର ପ୍ରଦର୍ଶନୀର ଶେଷଦିନରେ, ଅର୍ଥାତ୍ ନଭେମ୍ବର ୨୧ ତାରିଖ (ଶୁକ୍ରବାର) ଅପରାହ୍ନ ୨ଟା ୧୦ ମିନିଟ୍‌ରେ ଭାରତୀୟ ଯୁଦ୍ଧବିମାନ 'ତେଜସ୍' ଦୁର୍ଘଟଣାଗ୍ରସ୍ତ ହେବା ଦେଖାଯାଇ ଥିଲା ଦୃଶ୍ୟଖଣ୍ଡ ପ୍ରଚାରିତ । ଦୁଇଜଣ ପ୍ରଦର୍ଶନୀ ହେଉଛି ଅନ୍ତର୍ଜାତୀୟ ବିମାନର ଏକ ବଡ଼ ପ୍ରଦର୍ଶନୀ । ପ୍ରମୁଖ ଏରୋସ୍ପେସ କମ୍ପାନୀ, ଏୟାରଲାଇନ୍ସ, ବାୟୁସେନା ଏବଂ ପ୍ରଯୁକ୍ତିବିଦ୍ୟା ବ୍ୟାବସାୟିକ ପ୍ରତିଷ୍ଠାନଗୁଡ଼ିକ ସେମାନଙ୍କର ନୂତନ ବିମାନ, ହେଲିକୋପ୍ଟର, ଅସ୍ତ୍ର ପ୍ରଣାଳୀ ଏବଂ ଏରୋସ୍ପେସ ପ୍ରଯୁକ୍ତିବିଦ୍ୟା ଏଠାରେ ପ୍ରଦର୍ଶନ କରିଥାନ୍ତି । ଦୁଇଜଣ ଏୟାର ପ୍ରଦର୍ଶନୀ ୧୯୮୯ ମସିହାରେ ଆରମ୍ଭ ହୋଇଥିଲା ଏବଂ ପ୍ରତି ଦୁଇବର୍ଷରେ ଥରେ ଦୁଇଜଣ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଅନୁଷ୍ଠିତ ହୁଏ । ଏହି ପ୍ରଦର୍ଶନୀରେ ଭାରତର 'ତେଜସ୍' ଲାଇଟ ଏୟାରକ୍ରାଫ୍ଟ ଲଘାଭାର ଭାବେ ତିନିଥର ଅଂଶଗ୍ରହଣ କରିଛି । ଏୟାର ପ୍ରଦର୍ଶନୀରେ ଦୁର୍ଘଟଣା ଘଟିବା ପୁଣି ଥରେ ସାରା ବିଶ୍ୱରେ ଆୟୋଜିତ ଏୟାର ଶୋ'ରେ ଘଟିଥିବା ଦୁଃଖଦ ଘଟଣାଗୁଡ଼ିକର ସୂଚିକୁ ଉଜାଗର କରିଦେଲା, ଯେଉଁଥିରେ ଅନେକ ସଂଖ୍ୟକ ବିମାନ ଧ୍ୱଂସ, ବହୁସଂଖ୍ୟକ ଦର୍ଶକ ଏବଂ ପାଇଲଟ୍‌ଙ୍କ ଅକାଳ ମୃତ୍ୟୁ ଘଟିଛି । ୨୦୨୫ ମସିହାରେ ପୋଲାଣ୍ଡର ରାଜୋମ ଏୟାର ପ୍ରଦର୍ଶନୀରେ ଏକ 'ଏଫ୍- ୧୬' ଜେଟ୍ କମ୍ବାଟ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏଥିରେ ମଧ୍ୟ ପାଇଲଟ ମୃତ୍ୟୁବରଣ କରିଛନ୍ତି । ୨୦୨୦ ମାର୍ଚ୍ଚ ମାସରେ ଲସଲାମାବାଦରେ ସାମରିକ ପ୍ୟାରେଡ ପାଇଁ ଅଭ୍ୟାସ ଜାରି ରହିଥିବାବେଳେ ଗୋଟିଏ 'ଏଫ୍-୧୬' କମ୍ବାଟ ଏୟାରକ୍ରାଫ୍ଟ ଦୁର୍ଘଟଣାଗ୍ରସ୍ତ ହୋଇଥିବାରୁ ଜଣେ ପାଇଲଟ୍‌ଙ୍କ ପରିଚୟ ପାଇଲାଣି । ୧୯୮୮ ମସିହାରେ ଜର୍ମାନୀରେ ଅନୁଷ୍ଠିତ ରାମ୍ଷ୍ଟାଇନ ଏୟାର ପ୍ରଦର୍ଶନୀରେ ଏକ ଫର୍ମେସନ ଉଡ଼ାଣ ସମୟରେ ତିନିଟି ଇଟାଲୀୟ ଜେଟ୍ ବିମାନଗୁଡ଼ିକ ମଧ୍ୟରେ ଆକାଶମାର୍ଗରେ ଧକ୍କା ହେବା କାରଣରୁ ୭୦ଜଣ ଦର୍ଶକଙ୍କ ମୃତ୍ୟୁ ଘଟିଥିଲା ଏବଂ ଶହ ଶହ ଦର୍ଶକ ହୋଇଥିଲେ ଆହତ । ବିଶ୍ୱର ଉଚ୍ଚତମ ଏୟାର ପ୍ରଦର୍ଶନୀ ଦୁର୍ଘଟଣା ମଧ୍ୟରୁ ଏହା ଥିଲା ଅନ୍ୟତମ । ସେହିପରି ୨୦୧୫ ମସିହାରେ ଜାଲଣ୍ଡର ଶୋରହାମ୍ ଏୟାର ପ୍ରଦର୍ଶନୀରେ ଏକ ହଲ୍ ହଟର୍ ଜେଟ୍ ବିମାନ ବ୍ୟସ୍ତବହୁଳ ରାସ୍ତାରେ ଚାରିଟି ଲାଇ୍ ସହ ଧକ୍କାଦେବା ଫଳରେ ୧୧ଜଣ ମୃତ୍ୟୁବରଣ କରିଥିଲେ । ଭାରତରେ ନିର୍ମିତ 'ତେଜସ୍' ବିମାନ ବହୁତ କମ୍ ଦୁର୍ଘଟଣାଗ୍ରସ୍ତ ହୋଇଛି । 'ତେଜସ୍'ର ୨୪ବର୍ଷ ଇତିହାସରେ ଏହା ଦ୍ୱିତୀୟ ଘଟଣା । ଏହା ପୂର୍ବରୁ ୨୦୨୪ ମାର୍ଚ୍ଚ ମାସ ୧୨ ତାରିଖରେ ଏକ ସାମରିକ ଯୁଦ୍ଧାଭ୍ୟାସରେ ରାଜସ୍ଥାନର ଜୈସଲମେରରେ ଘଟିଥିଲା, ମାତ୍ର ପାଇଲଟ୍ ସୁରକ୍ଷିତ ଭାବରେ ବିମାନରୁ ବାହାରକୁ ବାହାରି ଆସିବାରେ ସଫଳ ହୋଇ ଦୁର୍ଘଟଣାରୁ ଜୀବନ ବଚାଇ ପାରିଥିଲେ । ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ 'ତେଜସ୍' ଭାରତର ହାଲୁକା ଯୁଦ୍ଧ ବିମାନ । ଦୀର୍ଘ ୪୨ବର୍ଷର କଠିନ ପରିଶ୍ରମ ଓ ବହୁ ପରୀକ୍ଷାନିରୀକ୍ଷା ପରେ ଏହାକୁ ଭାରତୀୟ ବାୟୁସେନାରେ ସାମିଲ କରାଯାଇଛି । ଏହାର ଡିଜାଇନ୍, ନିର୍ମାଣ ଆଦି ଦେଶରେ ହିଁ ହୋଇଥିବାରୁ ଏହି ଅପରେଶ ସମସ୍ତ ଦେଶବାସୀଙ୍କୁ କରିଛି ବ୍ୟଥିତ । ଦୁର୍ଘଟଣାର କାରଣ ଆଜା ହେଉନା କାହିଁକି, ପ୍ରତିରକ୍ଷା ନିର୍ମାଣ କ୍ଷେତ୍ରରେ ଭାରତର ଭୂମିକା ସହ ଏହା ଜଡ଼ିତ । ଥରେ ସୁନାମ ହରାଇବା ପରେ ପୁଣି ପୁନଃପ୍ରାପ୍ତନ ନିଶ୍ଚିତ ଭାବେ କଷ୍ଟକର ତଥା ସମୟସାପେକ୍ଷ । ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ୍ (ଏଚ୍.ଏ.ଏଲ୍.) ଡିଫେନ୍ସ ପବ୍ଲିକ ସେକ୍ଟର ୟୁନିଟ୍ ଦ୍ୱାରା ନିର୍ମିତ 'ତେଜସ୍ ମାର୍କ ୧ଏ' ହେଉଛି ୪.୫ ଜେନରେସନ୍ ?ର ଏୟାରକ୍ରାଫ୍ଟ । ଯେଉଁ 'ତେଜସ୍' ବିମାନ ଦୁଇଜଣ ଏୟାର ପ୍ରଦର୍ଶନୀରେ ଧ୍ୱଂସ ହେଲା, ଏହାର ଦୁଇଟି ଷ୍ଟାର୍ଟର (ପ୍ରାୟ ୩୭ ଫୁଟର ଏକ ବିମାନ) ଭାରତୀୟ ବାୟୁସେନାରେ ସାମିଲ ହୋଇସାରିଛି । ୨୦୨୩ ନଭେମ୍ବର ୨୫ ତାରିଖରେ ଭାରତର ପ୍ରଧାନମନ୍ତ୍ରୀ ମୋଦି ସ୍ୱଦେଶରେ ନିର୍ମିତ ଏହି 'ତେଜସ୍' ବିମାନରେ ବାଙ୍ଗାଲୁରୁଠାରେ ଉଡ଼ାଣ କରିଥିଲେ । ସ୍ୱଦେଶୀ ଫାଇଟର ଏୟାରକ୍ରାଫ୍ଟରେ ଦେଶର ପ୍ରଧାନମନ୍ତ୍ରୀ ଉଡ଼ାଣ କରିବା ଥିଲା ପ୍ରଥମ ଘଟଣା । ବର୍ତ୍ତମାନର ବାୟୁସେନା ମୁଖ୍ୟ ଏୟାର-ଚିଫ୍-ମାର୍ଶାଲ ଏ.ପି. ସିଂହ ଏହି 'ତେଜସ୍' ବିମାନର ଫର୍ମେସନ ଉଡ଼ାଣରେ ମୁଖ୍ୟ ଭୂମିକା ଗ୍ରହଣ କରି ୟୁରୋ-ଫାଇଟର୍ 'ଟାଇଫୁନ୍' ବିମାନରେ ଉଡ଼ାଣ କରୁଥିବା 'ଲୁଫ୍‌ୱାଫେ' ଏୟାର ଫିଟ୍‌ଲ୍‌ଙ୍କୁ ସ୍ୱାଗତ କରିଥିଲେ । ଏଭଳି ଉଡ଼ାଣ ୨୦୨୪ ଅଗଷ୍ଟ ମାସରେ ହୋଇଥିବା 'ତରଙ୍ଗ-ଶକ୍ତି' ନାମିତ ବାୟୁସେନା ଯୁଦ୍ଧାଭ୍ୟାସରେ ପ୍ରଦର୍ଶିତ ହୋଇଥିଲା । ବାୟୁସେନାର ଜଣେ ପାଇଲଟ୍‌ଙ୍କ ବିଭିନ୍ନ ପ୍ରକାରର ଉଡ଼ାଣ ଟ୍ରେନିଂ ପ୍ରଦାନ କରାଯାଇଥାଏ । ସେଥିପାଇଁ ବହୁ ସମୟ ତଥା କଠିନ ପରିଶ୍ରମ କରିବାକୁ ପଡ଼େ । ଦୀର୍ଘ ସମୟର ଟ୍ରେନିଂ ସୁବାଗୁ ଭାବେ ପ୍ରଦାନ ପରେ ହିଁ ଜଣେ ଦକ୍ଷ ପାଇଲଟ୍ ଭାବେ ଉଡ଼ାଣ କରିବାକୁ ସମର୍ଥ ହୋଇପାରିଥାନ୍ତି । ସେଥିପାଇଁ ଦେଶ ମଧ୍ୟ ବହୁ ପରିମାଣର ଅର୍ଥ ବ୍ୟୟ କରିଥାଏ । ଏୟାର ପ୍ରଦର୍ଶନୀରେ ଭାଗ ନେଇଥିବା ଦକ୍ଷ ଉଡ଼ାଣ ପାଇଁ ସବୁଠୁ ଦକ୍ଷ, କୁଶଳୀ, ପାରଦର୍ଶୀ, ଅଭିଜ୍ଞ ପାଇଲଟ୍‌ଙ୍କୁ ବାଛିଥାନ୍ତି । ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ସର୍ବଶ୍ରେଷ୍ଠ ସୁଦକ୍ଷ ପାଇଲଟ୍‌ଙ୍କୁ ଉଡ଼ାଣ କରିବାକୁ ସବୁଠୁ ସଂକେତ ଦେଇଥାଏ । କାରଣ, ତାଙ୍କର ଦକ୍ଷତା କେବଳ ବାୟୁସେନା ପାଇଁ ନୁହେଁ, ସମଗ୍ର ଦେଶ ପାଇଁ ଖୁବ୍ ଗୁରୁତ୍ୱ ବହନ କରେ । ଷ୍ଟିଙ୍ଗ୍ କମାଣ୍ଡର ନମାଂଶ ସାୟଲ ଜଣେ ଦକ୍ଷ, ଅଭିଜ୍ଞ ତଥା ବହୁ ସମ୍ମାନରେ ବିଭୂଷିତ ପାଇଲଟ୍‌ଙ୍କ ଅକାଳ ମୃତ୍ୟୁ ଏକ ଅପୂରଣୀୟ କ୍ଷତି । ଏହି 'ତେଜସ୍' ଲଘାଟ ବିମାନ ଦୁର୍ଘଟଣାର ମୂଳ କାରଣ ଅନୁଷ୍ଠିତ କୋର୍ଟ-ଅଫ୍-ଇନ୍‌କ୍ୱାରୀ ଅନୁଧ୍ୟାନ କରି ମତ ପ୍ରଦାନ ପରେ ହିଁ ପରବର୍ତ୍ତୀ ପ୍ରତିକାର ପଦକ୍ଷେପ ନିଆଯିବ, ମାତ୍ର ଏବେ ଦୁର୍ଘଟଣାର କାରଣ ସମ୍ପର୍କରେ ମତାମତ ପ୍ରକାଶ କରିବା ସମୀଚୀନ ନୁହେଁ । କାରଣ ଭାରତୀୟ ବାୟୁସେନାରେ 'ମିଗ୍-୨୧' ଲଢୁଆ ବିମାନ ଷାଠିଏ ଦଶକରେ ତତ୍କାଳୀନ ସୋଭିଏତ୍ କୃଷିଆରୁ ଆହରଣ କରାଯାଇଥିଲା । ୧୯୬୬ ମସିହାରୁ ୧୯୮୪ ମସିହା ମଧ୍ୟରେ ଆହରଣ ତଥା କାରଣରେ ନିର୍ମିତ ୮୪୦ ସଂଖ୍ୟକ 'ମିଗ୍-୨୧' ବିମାନ ମଧ୍ୟରୁ ଅର୍ଦ୍ଧାଧିକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ନଷ୍ଟ ହୋଇଯାଇଥିଲା । ୧୭୦ରୁ ଅଧିକ ସଂଖ୍ୟକ ପାଇଲଟ୍, ୪୦ଜଣ ସାଧାରଣ ନାଗରିକଙ୍କ ଜୀବନହାନି କାରଣରୁ ଏହି ବିମାନ 'ଉଡ଼ନ୍ତା ଫମ୍ପିନ' ଭାବେ ସାଧାରଣରେ ହୋଇଥିଲା ବିଦିତ । ସେଥିପାଇଁ ସ୍ୱଦେଶୀ ଜ୍ଞାନକୌଶଳରେ 'ତେଜସ୍' ନିର୍ମାଣ ପ୍ରକଳ୍ପ କୋଡ୍ ଚାରିଥିଲା । 'ଏଚ୍.ଏ.ଏଲ୍' ଦ୍ୱାରା 'ତେଜସ୍' ନିର୍ମାଣ ଉଦ୍ୟମ ଅନେକ ରାଜନୈତିକ କ୍ଷମତା ପରିବର୍ତ୍ତନ ମଧ୍ୟରେଇ ଅଗ୍ରଗତି କରିଛି । କିନ୍ତୁ ଭାରତୀୟ ପ୍ରଯୁକ୍ତି ଦେବଷଣା ଓ ଉନ୍ନତି ସେଇଭଳି ଉଚ୍ଚକୋଟୀର ସ୍ୱୀକ୍ରିପାରିନାହିଁ, ଯଦ୍ୟପି ଶତ ପ୍ରତିଶତ ସମ୍ପୂର୍ଣ୍ଣ ଭାରତୀୟ ଅତ୍ୟାଧୁନିକ ଯୁଦ୍ଧ ବିମାନଟିଏ ସମ୍ଭବ ହୋଇପାରିବ । ଏଇଥିପାଇ ଦଶକର ପରିଶ୍ରମ, ବହୁକୋଟି ଟଙ୍କାର ନିବେଶ ପରେ ମଧ୍ୟ 'ଭାବେରା' ଲଢ଼ିକ ଫଳପ୍ରଦ ନହେବାରୁ ଆମେରିକା ଦ୍ୱାରା ନିର୍ମିତ 'ଜିଇ ଏଫ୍ ୪୦୪' ଏବଂ 'ଜିଇ ଏଫ୍ ୪୧୪' ଲଢ଼ିକ ବ୍ରୟ କରି 'ତେଜସ୍'ରେ ଖଞ୍ଜିବା ଅନିବାର୍ଯ୍ୟ ହୋଇଥିଲା । ପ୍ରଶ୍ନ ଉଠୁଛି ଯେ, ସ୍ୱିଡେନ ଭଳି ଦେଶ ମାତ୍ର ୧୦ବର୍ଷରେ ଏକ ନୂତନ ଯୁଦ୍ଧବିମାନ ନିର୍ମାଣ ପ୍ରକଳ୍ପକୁ ସଫଳ କରିଦେଇପାରା ବେଳେ ଭାରତରେ ଅସମ୍ଭବୀୟ ବିଳମ୍ବ ଘଟୁଛି କାହିଁକି ? ଏହାର ଉତ୍ତର ଖୋଜାଯିବା ଆବଶ୍ୟକ । ଆମେରିକା ଓ ଚୀନ୍ ପ୍ରତିତ ଲଢୁଆ ଅତ୍ୟାଧୁନିକ ବିମାନରେ ପାକିସ୍ତାନ ବାୟୁସେନା ସଜ୍ଜିତ । ଚୀନ୍ ଉଦିମଧ୍ୟରେ ତା'ର ବାୟୁସେନାରେ ୬୫ ପିଢ଼ିର ଅତ୍ୟାଧୁନିକ ବିମାନରେ ବେଶ୍ ଶକ୍ତିଶାଳୀ । ବର୍ତ୍ତମାନ କେବେହେ ସାମରିକ ବିଶେଷଜ୍ଞ ମତ ଦିଅନ୍ତି, ଆମ ଦେଶରେ ନିର୍ମିତ 'ତେଜସ୍' ଲଢୁଆ ବିମାନର ଉନ୍ନିକ ଅନ୍ୟ ଦେଶରୁ ଆହରଣ କରାଯାଇ ସଂଯୋଗ କରାଯାଇବା ଉଚିତ ହେବ କି ? 'ଅପରେସନ ସିନ୍ଦୁର' ପରବର୍ତ୍ତୀ ସମୟରେ ସେହି ଚିନ୍ତା ଅ

ପୁରୁଣା ଡାକ୍ତରଖାନାରେ ଡାକ୍ତର ନିଯୁକ୍ତି ଦାବିରେ ପାଟଣାଗଡ଼ ବନ୍ଦ

ପାଟଣାଗଡ଼,୧୫।୧(ନି/ପ୍ର): ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ମୁଖ୍ୟ ସହର ଭିତରେ ବାର୍ଦ୍ଧକ୍ୟଧରି ରହିଥିବା ପୁରୁଣା ଉପଖଣ୍ଡ ଚିକିତ୍ସାଳୟ ଏବେ ନୂତନ ଭାବରେ ଗଙ୍ଗୀସାଗର ପାଖରେ ନିର୍ମାଣ କରାଯାଇଛି । ଏହି ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟକୁ ପ୍ରଶାସନ ତରଫରୁ ଜିଛିଦିନ ହେବ ସ୍ଥାନାନ୍ତରିତ କରାଯାଇଛି । ଯାହାଫଳରେ ସହରରେ ବସବାସ କରୁଥିବା ଲୋକେ ଜରୁରୀକାଳୀନ ଚିକିତ୍ସା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସ୍ଥାନୀୟ ଲୋକଙ୍କ ବାରମ୍ବାର ଆନ୍ଦୋଳନ ସତ୍ତ୍ୱେ ଏହି ଦାବି ପୂରଣ ହେଉନାହିଁ । ପ୍ରତିବାଦରେ ସ୍ଥାନୀୟ ଲୋକେ ପାଟଣାଗଡ଼ ବନ୍ଦ ଡାକରା ଦେଇଥିଲେ । ସହରବାସୀ ପାଟଣାଗଡ଼ରୁ କଟାଂବାଣ୍ଡି କୁ ଯାଉଥିବା ସହରର ମୁଖ୍ୟ ରାସ୍ତା ତଥା ପୁରୁଣା ଉପଖଣ୍ଡ ଚିକିତ୍ସାଳୟ ସମ୍ମୁଖରେ ରାସ୍ତା ଅବରୋଧ କରିଥିଲେ । ଦୀର୍ଘ ସମୟ ପର୍ଯ୍ୟନ୍ତ ଗାଡି ଚଳାଚଳ ଉଭୟ ପାର୍ଶ୍ୱରେ ଅଟକି ରହିଥିଲା । ଯାହାଫଳରେ ଲୋକ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଆନ୍ଦୋଳନ ସ୍ଥଳକୁ ଉପଖଣ୍ଡ ଚିକିତ୍ସା ଅଧିକାରୀ ସରୋଜ ରଂଜନ ସ୍ୱାଇଁ ଆସି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିବା ସହ ଖୁବଶୀଘ୍ର ଏହି ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହା ସତ୍ତ୍ୱେ ଆନ୍ଦୋଳନକାରୀମାନେ ନିଜ ଦାବିରେ ଅଟଳ ଥିଲେ । ଅପରପକ୍ଷରେ ଆନ୍ଦୋଳନରେ ସାମିଲ ଥିବା ମହିଳାମାନଙ୍କୁ ପୁଲିସ ଗିରଫ କରି ଭ୍ୟାନ ଯୋଗେ ଥାନାକୁ ଘଠାଇ ନେଇ ଅଟକ ରଖିଥିଲା । ଏହି ଘଟଣାକୁ ନେଇ ରାସ୍ତା ଉପରେ ବସି ନିଜ ହକ ପାଇଁ ଲଢେଇ କରୁଥିବା ମହିଳା ମାନଙ୍କ ମଧ୍ୟରେ ଚିନ୍ତା ଅସନ୍ତୋଷ ପ୍ରକାଶ ପାଇଥିଲା ।

ବିଶିଷ୍ଟ ସମାଜସେବୀଙ୍କ ଶ୍ରାଦ୍ଧ ଦିବସ ପାଳିତ

କେନ୍ଦ୍ରାପଡା,୧୫/୧(ନି/ପ୍ର):କେନ୍ଦ୍ରାପଡାର ଜଣାଶୁଣା ବିଶିଷ୍ଟ ସମାଜସେବୀ ଧୃବଚରଣ ବେହେରାଙ୍କ ୨୨ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି । କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ବଣିଆମାଳ ବାସଭବନ ରେ ଏହି ଶ୍ରାଦ୍ଧ ଦିବସରେ କେନ୍ଦ୍ରାପଡା ର ଲୋକପ୍ରିୟ ବିଧାୟକ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଚିନ୍ମୟ ପ୍ରଧାନ ବେହୁରା, ପୂର୍ବତନ ନଗରପାଳ ମହମ୍ମଦ ଆକବର ଅଲ୍ଲୀ, ଧୃରେନ କୁମାର ସାହୁ, ସମାଜସେବୀ ଗଂଚିତ ଙ୍କଜନ ସାହୁ ପ୍ରମୁଖ ଯୋଗ ଦେଇ ୪ ଧୃବଚରଣ ବେହୁରାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

ଗୁଗୁଲ୍ ଡେଭେଲପର୍ ଗ୍ରୁପ୍ ସହଯୋଗରେ ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟିର ସଫଳ ଜେନଏଆଇ ହ୍ୟାକାଥନ୍

ସମ୍ବଲପୁର,୧୫/୧(ନି/ପ୍ର): ବିର୍ଲା ଗ୍ରୁପ୍‌ର ଏକ ପ୍ରମୁଖ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟି (ବିଜିୟୁ) ତାହାର କ୍ୟାମ୍ପସରେ ଗୁଗୁଲ୍ ଡେଭେଲପର୍‌ସ ଗ୍ରୁପ୍ (ଜିଡିଜି) ସହଯୋଗରେ "ନେକ୍ସ୍ଟ ମାଇଣ୍ଡ ୧୨" ଜେନଏଆଇ ହ୍ୟାକାଥନ୍ ସଫଳତାର ସହ ଆୟୋଜନ କରିଛି । ଏହି ୧୨ ଘଂଟିୟା ନବୋନ୍ମେଷମୂଳକ ହ୍ୟାକାଥନ୍‌ରେ ଓଡ଼ିଶାର ବିଭିନ୍ନ ୟୁନିଭର୍ସିଟି ଓ ଶିକ୍ଷା ପ୍ରତିଷ୍ଠାନର ପ୍ରତିଭାଶାଳୀ ଛାତ୍ର ଡେଭେଲପର୍ସ ମାନେ ଅଂଶଗ୍ରହଣ କରିଥିଲେ । ଏହି ହ୍ୟାକାଥନ୍‌ରେ "ଏଡ୍‌ଟେକ୍" ଏବଂ "ଫିନ୍‌ଟେକ୍" ନାମକ ଦୁଇଟି ମୁଖ୍ୟ ଶ୍ରେଣୀ ଥିଲା, ଯେଉଁଥିରେ ଅଂଶଗ୍ରହଣ କାରୀମାନେ ଜେମିନାଇ (ଜେମିନାଇ) ଓ ଗୁଗୁଲ୍ କ୍ଲାଉଡ୍ ସହିତ ଆଧୁନିକ ଗୁଗୁଲ୍ ପ୍ରଯୁକ୍ତି ବ୍ୟବହାର କରି ବାସ୍ତବ ଜଗତରେ ପ୍ରୟୋଗ ଯୋଗ୍ୟ ଓ ବିଶ୍ୱାସଯୋଗ୍ୟ ସମାଧାନ ଉନ୍ନତ କରିଥିଲେ । ଏହି କାର୍ଯ୍ୟକ୍ରମ ଶିକ୍ଷା ପ୍ରଣାଳୀ, ଆର୍ଥିକ ସେବା କ୍ଷେତ୍ର ଓ ଡିଜିଟାଲ୍ ସମସ୍ୟା ସମାଧାନ ଢାଂଚାକୁ ପୁନର୍ଗଠିତ କରିବାରେ ଜେନେରେଟିଭ୍ ଏଆଇର ବୁଦ୍ଧିଶୀଳ ଭୂମିକାକୁ ଉଜାଗର କରିଥିଲା । ସମୁଦାୟ ୨୦ଟି ଟିମ୍ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜ ଚଳନିକୀ ଦକ୍ଷତା ଓ ସୃଜନଶୀଳତା ପ୍ରଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମର ବିଚାରକ ମଣ୍ଡଳୀରେ ବାଇଟ୍‌ଆଇକ୍ୟୁ ଆନାଲିଟିକ୍ସର ସିଇଓ ଆର୍ଯ୍ୟ ଦ୍ୱେବ୍ରତ, ଏଫ୍.ଏକ୍ସ୍.ଏଏଲି ର ନିର୍ଦ୍ଦେଶକ ସୁଲମ୍ ଆଚାର୍ଯ୍ୟ, ଭଲକ୍ କାସିଓ ଆକାଶ ଜୟସୱାଲ୍ ଏବଂ ଟାଟା କନସଲଟେନ୍ସି ସର୍ଭିସେସ୍ ର ସିନିୟର କନସଲଟାଂଟ ସ୍ମୃତି ରଞ୍ଜନ ଧଳ ଅନ୍ତର୍ଭୁକ୍ତ ଥିଲେ । ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇ ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟିର କୁଳପତି ପ୍ରଫେସର କୁଳଭୂଷଣ କଲୁନୀ କହିଥିଲେ । "ଅନୁଭୂତିମୂଳକ ଶିକ୍ଷା ପ୍ରଣାଳୀ କୃତ୍ରିମ ବୁଦ୍ଧିମତା ଦ୍ୱାରା ପରିବର୍ତ୍ତିତ ଭବିଷ୍ୟତ ପାଇଁ ଯୁବ ନବୋନ୍ମେଷକମାନଙ୍କୁ ପ୍ରସ୍ତୁତ କରିବାରେ ଗୁରୁତ୍ୱପୂର୍ଣ୍ଣ । ହ୍ୟାକାଥନ୍ ପରି ପଦକ୍ଷେପ ମାଧ୍ୟମରେ ଆମେ ସୃଜନଶୀଳ ଓ ଜିଜ୍ଞାସୁ ମନକୁ ଆଗକୁ ଆଣୁଛୁ । 'ନେକ୍ସ୍ଟ ମାଇଣ୍ଡ ୧୨' ଭଳି ମଂଚ ଭବିଷ୍ୟତ ପାଇଁପ୍ରସ୍ତୁତ ପ୍ରଯୁକ୍ତିବିତ୍ ଓ ଉଦ୍ୟୋଗପତି ସୃଷ୍ଟି କରିବାରେ ସାହାଯ୍ୟ କରେ।" ଶିକ୍ଷାଗତ ଗୁରୁତ୍ୱ ଉପରେ ଆଲୋକ ପକାଇ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗର ଡିନ୍ ପ୍ରଫେସର ସଞ୍ଜୟ କୁଣ୍ଡିରି କହିଥିଲେ । "ନେକ୍ସ୍ଟ ମାଇଣ୍ଡ ୧୨ ଜେନଏଆଇ ହ୍ୟାକାଥନ୍ କ୍ଲାଉଡ୍‌ସ୍ମ୍ ଶିକ୍ଷାକୁ ବାସ୍ତବ ଜଗତ ସହିତ ଯୋଡ଼ିଥାଏ । ଏପରି ପଦକ୍ଷେପ ଛାତ୍ରଛାତ୍ରୀମାନଙ୍କୁ ସହଯୋଗ, ସୃଜନଶୀଳତା ଓ ନବୋନ୍ମେଷ ପାଇଁ ପ୍ରେରଣା ଦେଇଥାଏ ଏବଂ ଧାରଣାକୁ ବ୍ୟବହାରିକ ସମାଧାନରେ ପରିଣତ କରିବାର ସୁଯୋଗ ପ୍ରଦାନ କରେ।" ଏହିପ୍ରତିଯୋଗିତାରେ ଆଇଆଇଆଇଟି ଭୁବନେଶ୍ୱରର ଟିମ୍ ପ୍ରଥମ ସ୍ଥାନ ଅଧିକାର କରି ଟ୍ରଫି ସହିତ ୨୫ ହଜାର ଟଙ୍କା ନଗଦ ପୁରସ୍କାର ପାଇଥିଲେ । ସିଭି ରମଣ ଗ୍ଲୋବାଲ୍ ୟୁନିଭର୍ସିଟି ପ୍ରଥମ ରନର-ଅପ୍ ଏବଂ ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟି ଦ୍ୱିତୀୟ ରନର-ଅପ୍‌ରୋଇ ୧୫ ହଜାର ଓ ୧୦ ହଜାର ଟଙ୍କାର ଆର୍ଥିକ ପୁରସ୍କାର ସହଯୋଗର ସୁବୃହତ୍ ସଂସ୍କୃତିକୁ ଲଗାତାର ପ୍ରୋତ୍ସାହନ ଦେଇ ଆସୁଛି ।

ପ୍ରସିଦ୍ଧ ବାମରା ମକର ମହୋତ୍ସବ ଉଦ୍‌ଘାଟିତ

ମକର ପାଇଁ ଶ୍ରୀ ବଳଦେବଜୀଉ ମନ୍ଦିରରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ

କେନ୍ଦ୍ରାପଡା,୧୫/୧: କେନ୍ଦ୍ରାପଡା ର ଆରାଧ୍ୟ ଦେବ ଶ୍ରୀ ସିଦ୍ଧ ବଳଦେବଜୀଙ୍କର ମନ୍ଦିରରେ ପବିତ୍ର ମକର ସଂକ୍ରାନ୍ତି ଉତ୍ସବ ମହା ଆଡମ୍ବର ରେ ଅନୁଷ୍ଠିତ ହୋଇଯାଇଛି । ଆଜି ଦିନସାରା ଶ୍ରୀଜୀଉ ମାନଙ୍କୁ ଦର୍ଶନ କରିବାକୁ ଆସିଥିବା ହଜାର ହଜାର ଶ୍ରଦ୍ଧାଳୁଙ୍କ ଗହଳିରେ ମନ୍ଦିର ପରିସର ପ୍ରବଳ ଗହଳି ଓ ଭିଡ ଦେଖିବାକୁ ମିଳିଥିଲା । ପବିତ୍ର ମକର ସଂକ୍ରାନ୍ତି ଦିନରେ ଭଗବାନ ସୂର୍ଯ୍ୟ ନାରାୟଣ ମକର ରାଶିକୁ ଗମନ କରୁଥିବାରୁ ଏହି ଦିବସ ଓ ତିଥିର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି । ଘରେ ଘରେ ସ୍ୱତନ୍ତ୍ର ପୂଜା ବିଧାନ ସହ ଶ୍ରୀଜୀଉ ମାନଙ୍କୁ ଦର୍ଶନ କରି ଅଶେଷ ପୁଣ୍ୟ ଅର୍ଜନ କରିବା ଲକ୍ଷ୍ୟରେ ଭକ୍ତମାନେ ଭୋର ସମୟରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ମନ୍ଦିରକୁ ଧାଡି ଲାଗିଥିଲେ । ଗତକାଲି ରାତ୍ରିରେ ଜୀଉ ମାନଙ୍କର ୫ ନବାଙ୍କ ବେଶ ପରିକ୍ରମା ଅନୁଷ୍ଠିତ ହୋଇଥିବା ବେଳେ ଆଜି ଅବଶିଷ୍ଟ ୪ ବେଶ ପରିକ୍ରମା ଦିନ ୪ଟା ବେଳେ ଅନୁଷ୍ଠିତ ହୋଇଯାଇଛି । ଏଠାରେ ସୂଚନା ଯୋଗ୍ୟ ଯେ, ମହାଲକ୍ଷ୍ମୀ ଏକମାତ୍ର ପୂର୍ବମୁଖିପ୍ରାଙ୍ଗଣ ରୁ ଆରାଧ୍ୟ ଦେବ ଶ୍ରୀ ସିଦ୍ଧବଳଦେବଜୀଙ୍କ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି ଓ ସାଙ୍ଗରେ ପିଠାଗଜା ରୁ ବହୁ ପ୍ରକାର ୫୬ ଭୋଗ ସାମଗ୍ରୀ ଧରି ଶ୍ରୀ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିବାରୁ ଏହାକୁ ମୁଖ୍ୟ ମନ୍ଦିର ଚାରିପଟେ ୯ ଥର ବେଶ ପ୍ରଦକ୍ଷିଣ କରାଯାଇ ମନ୍ଦିର ପ୍ରବେଶ କରା ଯାଇଥାଏ । ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭକ୍ତମାନେ ଦୀର୍ଘ ସମୟ ଧରି ଅପେକ୍ଷା କରିଥାନ୍ତି । ସ୍ୱତନ୍ତ୍ର ପୂଜା ବିଧାନ ସହ ଭକ୍ତ ଶ୍ରଦ୍ଧାଳୁ ମାନଙ୍କୁ ପ୍ରସାଦ ବିତରଣ କରାଯାଇ ଥାଏ । ତେବେ ଶାନ୍ତି ଶୃଙ୍ଖଳାର ସହିତ ଦିଆଁ ଦର୍ଶନକୁ ପାଳନ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରା ଯାଇଥିଲେ ମଧ୍ୟ ୭ଘଣ୍ଟି ସୁନା ଚେନ ଚୋରୀ ସହିତ ୩ଜଣଙ୍କ ପକେଟ ମାର ହୋଇଥିବା ଜଣାପଡିଛି ।

ଭୀମ ମଣ୍ଡଳୀରେ ସର୍ବେକ୍ଷଣ କାର୍ଯ୍ୟ ଜାରି

ମିଳିଲାଣି ପ୍ରସ୍ତର ଯୁଗର ପ୍ରମାଣ

ସମ୍ବଲପୁର,୧୫/୧(ନି/ପ୍ର): ସମ୍ବଲପୁର ଜିଲ୍ଲା ନାଳଟିଦେଉଳ ବ୍ଲକ ଘୋଷରାମାଳ ଗ୍ରାମ ପଂଚାୟତ ଅନ୍ତର୍ଗତ ରାଇଲ ଏବଂ ଲାଣ୍ଡିମାଳ ସଂରକ୍ଷିତ ଜଙ୍ଗଲରେ ଥିବା ପ୍ରସିଦ୍ଧ ଭୀମ ମଣ୍ଡଳୀ ଏବଂ ଏହାର ଆଖ ପାଖ ଅଞ୍ଚଳରେ ଥିବା ଗୁମ୍ଫା ଗୁଡିକରେ ଗତ ଜାନୁଆରୀ ପଚିଶାରୁ ସର୍ବେକ୍ଷଣ ସହ ଖନନ କାର୍ଯ୍ୟ ଜାରି ରହିଛି ।ଭାରତୀୟ ପୁରାତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ପୁରୀ ସର୍କଲ ପକ୍ଷରୁ ଏହି କାର୍ଯ୍ୟ ଆରମ୍ଭ ହୋଇଛି । ସଂସ୍ଥା ପକ୍ଷରୁ ଗୁମ୍ଫା ଗୁଡିକର ସଂରକ୍ଷଣ ଓ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇ ଭାରତୀୟ ପୁରାତତ୍ତ୍ୱ ବିଭାଗ ର ନିର୍ଦ୍ଦେଶ କ୍ରମେ ଏହି କାର୍ଯ୍ୟ ଆରମ୍ଭ ହୋଇଛି । ପୁରାତତ୍ତ୍ୱ ବିଭାଗ ପୁରୀ ସର୍କଲ ର ଅଧିକ୍ଷକ ବିବିସବ ତ୍ରିକୁସୁନ୍ଦର ଗଡ଼ନାୟକଙ୍କ ତତ୍ତ୍ୱାବଧାନ ରେ ଏକ ଟିମ ଏହି କାର୍ଯ୍ୟରେ ନିୟୋଜିତ ଅଛନ୍ତି । ରାଇଲ ଏବଂ ଲାଣ୍ଡିମାଳ ସଂରକ୍ଷିତ ଜଙ୍ଗଲ ଭିତରେ ବିଭିନ୍ନ ସ୍ଥାନରେ ୭୦୦ରୁ ଊର୍ଦ୍ଧ୍ୱ ଗୁମ୍ଫା ରହିଥିବା ବେଳେ ସେଥି ମଧ୍ୟରୁ ପ୍ରାୟ ୪୦ ରୁ ଅଧିକ ଗୁମ୍ଫାରେ ପ୍ରାଗ ଐତିହାସିକ ପ୍ରସ୍ତର ଯୁଗର ଶୈଳ ଚିତ୍ର ରହିଛି । ଏହା ପ୍ରାୟ ୧୫ ହଜାର ରୁ ୨୦ ହଜାର ବର୍ଷ ର ପୁରୁଣା ବୋଲି ବିଭାଗର ଅଧିକ୍ଷକ ବି.ଗଡ଼ନାୟକ କହିଛନ୍ତି। ତେବେ ଏହି ସବୁ ଗୁମ୍ଫା ଏବଂ ଶୈଳ ଚିତ୍ର ଗୁଡିକ ବୈଜ୍ଞାନିକ ପଦ୍ଧତିରେ ଅନୁଧ୍ୟାନ ସହ ସର୍ବେକ୍ଷଣ କରାଯାଇଛି । ଏବଂ ଆଗାମୀ ଦିନରେ ଏହାର ଡିଜିଟାଲ ଡକ୍ୟୁମେଂଟସନ କରାଯିବାର କାର୍ଯ୍ୟକ୍ରମ ରହିଛି ।

ମା ସାତଭଉଣୀଙ୍କ ପୀଠରେ ୧୨୧ ବର୍ଷର ମକର ମେଳା

ଉତ୍ତର, ୧୫/୧(ନି/ପ୍ର):ଶକ୍ତି ଉପାସନା କ୍ଷେତ୍ରରେ ସମଗ୍ର ରାଜ୍ୟରେ ଅଦ୍ଭୁତ ବୈଶିଷ୍ଟ୍ୟ ରହିଥିବା ମା' ସାତଭଉଣୀ ଦେବୀ ପୀଠରେ ମକର ଯାତ୍ରା ଆଜି ବୁଧବାର ମହାସମାରୋହରେ ପାଳିତ ହୋଇଯାଇଛି । ଏହା ୮ ଦିନ ବ୍ୟାପୀ ପାଳିତ ହେବ । ଆଜି ମା' ସାତଭଉଣୀଙ୍କ ସ୍ନାନ ପରେ ଅପରାହ୍ନ ୪ ଘଟିକାରେ ମାର୍ଜନା କାର୍ଯ୍ୟ (ବାସୀ) ଅନୁଷ୍ଠିତ ହୋଇଯାଇଛି । ଆସନ୍ତାକାଲି ଠାରୁ ତିନିଦିନ ବ୍ୟାପୀ ମା'ଙ୍କ ପୀଠରେ ଯଜ୍ଞ ଓ ଚଣ୍ଡିପାଠ ହେବ । ୧୮ ତାରିଖରେ ପୂର୍ଣ୍ଣାହୁତି, ୧୯ ରୁ ୨୨ ତାରିଖ ପର୍ଯ୍ୟନ୍ତ ଅପେରା ପ୍ରଦର୍ଶନ, ୨୩ ରେ ମେଳା ଉଦ୍‌ଯାପିତ ହେବ । ଏହି ମକର ମେଳା ୧୨୧ ବର୍ଷ ଧରି ମା'ଙ୍କ ପୀଠରେ ପାଳିତ ହୋଇଆସୁଅଛି । ଉତ୍ତର ସହର ପରିକ୍ରମା କରିଥିବା ୧୬ଜଣ ଜାତୀୟ ରାଜପଥ ଠାରୁ ମାତ୍ର ୩ କିମି ଉତ୍ତର-ଆରଡି ରାସ୍ତାରେ ଗଲେ ଉତ୍ତର ବ୍ଲକ୍ ଅଧୀନ ଜୋରଜୋରା ଗ୍ରାମପଂଚାୟତର ମା' ସାତଭଉଣୀ ମନ୍ଦିର ବାମପାର୍ଶ୍ୱରେ ପଡେ । ସାଧାରଣତଃ ସମସ୍ତ ଶକ୍ତିପୀଠରେ ଶାରଦୀୟ ଦୁର୍ଗାପୂଜା, ବାସନ୍ତୀ ଦୁର୍ଗାପୂଜା ସମାସମାରୋହରେ ପାଳନ କରାଯାଉଥିବାବେଳେ ମା' ସାତଭଉଣୀଙ୍କ ମୁଖ୍ୟ ପର୍ବ ମକର ସଂକ୍ରାନ୍ତି ପାଳନ କରାଯାଏ । ମା' ସାତଭଉଣୀ ଦ୍ରାହ୍ମଣ୍ୟ ବୈଶ୍ୱାଣ ଆଦି ଗୋଷ୍ଠୀର ସୀମା ଭିତରେ ନରହି ସର୍ବତ୍ର ପୂଜିତ । ମା' ସାତଭଉଣୀଙ୍କ ବିଜେସୁଳା କୌଣସି ଏକ ଗ୍ରାମ ବା ଜନବସତି ମଧ୍ୟରେ ସୀମାବଦ୍ଧ ନୁହେଁ । ମା'ଙ୍କ ମନ୍ଦିର ଏକ ସୁନ୍ଦର ପ୍ରାକୃତିକ ପରିବେଶ ମଧ୍ୟରେ ଅବସ୍ଥିତ । ଏହାର ବାମପାର୍ଶ୍ୱରେ ବିଶାଳକାୟ ବଟବୃକ୍ଷ ଓ ବୁଢଟି ପୁଷ୍କରିଣୀ, ସମ୍ମୁଖ ଭାଗରେ ଐତିହାସିକ ବଡବାଣ୍ଡ ରାସ୍ତାର ଉଭୟ ପାର୍ଶ୍ୱରେ ଆମ୍ରକାନନର ନୈସର୍ଗିକ ଶୋଭା, ଉତର ଦିଗରେ ପଣ୍ଡିମା ବଟବୃକ୍ଷ ଠାରୁ ପାଖରେ ଜାଠମ୍ପା ଗଛର ଶୋଭା ଜନ ମାନସକୁ ଆକର୍ଷିତ କରିଥାଏ । ଏହି ମକର ଯାତ୍ରା ପାଇଁ ପରମ୍ପରା ଅନୁସାରେ ଏଠାରେ ସ୍ଥାନୀୟ ବାସିନ୍ଦାକୁ ନେଇ ଏକ କମିଟି ଗଠନ କରାଯାଇଥାଏ । ଭୌଗୋଳିକ ଓ ପାରିପାର୍ଶ୍ୱିକ ବୃଷ୍ଟିରୁ ଏହା ଜୈବକ ଏହି ଅଂଚଳର ଦେବୀ ନୁହଁନ୍ତି, ଉତ୍କଳ ଜିଲାର ଧାର୍ମିକ ତଥା ତୀର୍ଥଯାତ୍ରୀଙ୍କ ପାଇଁ ପର୍ଯ୍ୟଟନ ଓ ତୀର୍ଥସ୍ଥଳୀ ରୂପେ ବିକାଶମାନ ହୋଇଛି । ତେବେ ପ୍ରଶାସନ ଓ ପର୍ଯ୍ୟଟନ ବିଭାଗର ଉଦାସୀନତା ଯୋଗୁଁ ଏହା ଲୋକ ଲୋଚନକୁ ଆସିପାରିନାହିଁ । ମକର ମେଳା ଆସିଲେ ଆଖପାଖ କୋରଜୋରା, ହରିପୁର, ବିଲାବାଡି, ଶ୍ରୀଧରପୁର, ଗେଲପୁର ଓ ଅର୍ଣ୍ଣପାଳ ଅଂଚଳ ଚଳଂଚଳ ହୋଇଉଠେ । ମା'ଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଗହଳି ହୁଏ । ଏଠାକାର ଲୋକମାନେ ଆନନ୍ଦ ଭରି ଏହାକୁ ଉପଭୋଗ କରିଥାନ୍ତି । ପ୍ରତ୍ୟେକ ଘରେ ବନ୍ଧୁବାନ୍ଧବଙ୍କ ଭିଡ ଜମିଥାଏ । ଜିଲା ତଥା ରାଜ୍ୟ ବାହାର କାର୍ଯ୍ୟରତ କର୍ମଚାରୀମାନେ ମକର ଯାତ୍ରା ଉପଲକ୍ଷେ ଧାଇଁଆସନ୍ତି ନିଜ ନିଜ ଗାଁକୁ । ଆତ୍ମୀୟ ସ୍ୱଜନ ତଥା ସାଙ୍ଗସାଥୀମାନଙ୍କର ମିଳନ ସ୍ଥଳୀ ପାଲଟେ ଏହି ମେଳା ବୋଲି କହନ୍ତି ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ମଳୟ ଜେନା । ମେଳାରେ ଦୋକାନ ବଜାରର ସମାନ ଖୋଲାଯାଏ । ସନ୍ଧ୍ୟାରେ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୁଏ । ପ୍ରତିବର୍ଷ ଖୋଲା ରଙ୍ଗମଂଚରେ ଅପେରା ଦଳମାନଙ୍କ ଯାତ୍ରା ପରିବେଷଣ ଏହି ମେଳାର ଅନ୍ୟ ଏକ ପରମ୍ପରା। ମା'ଙ୍କର ସଂକୀର୍ତ୍ତନ ବିଶେଷକରି ମା'ଙ୍କ ସମ୍ମୁଖ ହୋମକୁଣ୍ଡ ଅର୍ଘ୍ୟ ଓ ଧୂଣା ଧୂଆଁରେ ମା'ଙ୍କ ମାର୍ଜନା କାରଣେ କାଳିସୀମାନଙ୍କ ଭବିଷ୍ୟ ବାଣୀ ଶୁଣାଣୀ ପରମ୍ପରା ଏହି ମକର ମେଳାର ମୁଖ୍ୟ ଆକର୍ଷଣ । ମକର ମେଳା ଶୃଙ୍ଖଳିତ ଭାବେ ପାଳିତ ହେବା ପାଇଁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ସହଯୋଗର ହାତ ବଢାଇଥାନ୍ତି । ଯାତ୍ରାସଙ୍ଗ, ନାମ ସଂକୀର୍ତ୍ତନ ଓ ପ୍ରବଚନ ଆଦି ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଥାଏ । ମା' ସାତଭଉଣୀ ପୀଠରେ ଐତିହାସିକ ଗବେଷଣା ହୋଇପାରିନଥିବା କାରଣରୁ ଏହି ପୀଠ ଏବେ ଲୋକ ଆଡୁଆଡରେ ରହିଯାଇଛି । ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରରେ ସଂପୃକ୍ତ ପୀଠଟି ଆଜିସୁଦ୍ଧା ସ୍ଥାନିତ ହୋଇପାରିନାହିଁ। ଏହି ପୀଠର ସମୂହ ବିକାଶ ନିମନ୍ତେ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ସ୍ଥାନୀୟ ଅଂଚଳରେ ଦାବି ରହିଛି ।

ବାଣ ବିସ୍ଫୋରଣ ହୋଇ ୫ ଗୁରୁତର

ରାୟଗଡା,୧୫/୧(ନି/ପ୍ର): ବିନତି ରାତ୍ରିରେ ବେଲୁଗୁଡ଼ ସଂପ୍ରଦାୟର ଲୋକ ମକର ସଂକ୍ରାନ୍ତି ଉପଲକ୍ଷେ ଭୋଜି ପାଳନ ଅବସରରେ ରାୟଗଡା ସହରରେ ଘଟିଛି ଅଘଟଣ। ସଂକ୍ରାନ୍ତି ପାଳନ ପାଇଁ ରାୟଗଡା ସହର ଘେଡୁସାହିଓ ମାଝିସାହି ମଧ୍ୟରେ ପ୍ଲାଷ୍ଟିକ ଗୋଟିଏ ଘରେ ବାଣ ଫିଆରି କଟୁଥିଲେ । ମଧ୍ୟରାତ୍ରରେ ଭୋଜିଉତ୍ସବଲେଖେ ଲୋକସିକାରଣଶୁଣାଣ ରହିଥିବା ସ୍ଥାନରେ ନିଆଁ ଲାଗିଯିବା ଫଳରେ ବିସ୍ଫୋରଣ ହୋଇଥିଲା । ବିସ୍ଫୋରଣ ଫଳରେ ୫ଜଣ ଗୁରୁତର ହୋଇଥିବା ସୂଚନା ମିଳିଛି । ଏଥିରେ ୨ଜଣ ନାବାଳକ ମଧ୍ୟ ରହିଥିବା କୁହାଯାଉଛି । ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଥିଲା । ସେମ

ବାସନ୍ତୀ ପରିଷଦର ନୂତନ କାର୍ଯ୍ୟକର୍ତା ଚୟନ, ରାମଚନ୍ଦ୍ର ସଭାପତି ଓ ଅକ୍ଷୟ ସାଧାରଣ ସମ୍ପାଦକ

ରାଉରକେଲା,୧୫/୧(ନି/ପ୍): ରାଉରକେଲାର ବହୁ ପୁରାତନ ସାମାଜିକ ସାଂସ୍କୃତିକ ସଂଗଠନ ବାସନ୍ତୀ ପରିଷଦ ର ଆଗାମୀ ତିନି ବର୍ଷ ପାଇଁ ମା ବାସନ୍ତୀକ ଦୁର୍ଗାପୂଜା ପାଇଁ ନୂତନ କର୍ମକର୍ତା ଚୟନ ହୋଇଛି । ଗତବର୍ଷ ପରିଷଦ ମା ବାସନ୍ତୀ ଦୁର୍ଗାପୂଜା ର ସୁବର୍ଣ୍ଣ ଜୟନ୍ତୀ ସମାରୋହ ସେଙ୍କର ୩ ସ୍ଥିତ ବାସନ୍ତୀ ପୂଜା ପଡିଆ ରେ ବେଶ୍ ଧୂମଧାମରେ ପାଳନ କରିଥିଲା ଓ ଏଥିରେ ରାଉରକେଲାବାସୀ ବହୁ ସଂଖ୍ୟା ରେ ସାମିଲ ହୋଇ ବେଶ୍ ସଫଳ କରାଇଥିଲେ । ବଳିବର୍ଷ ପୂଜା ପାଇଁ ସ୍ଥାନୀୟ ସେଙ୍କର ୩ ସ୍ଥିତ ଅହିରାବଣ ଖଡ଼ଗ ମନ୍ଦିର ରେ ସାଧାରଣ ପରିଷଦ ବୈଠକ ପରିଷଦର ସଭାପତି ଶଶଧର ପାତ୍ର ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଆଗାମୀ ପୂଜା ନୁ ଶୃଙ୍ଖଳିତ ଓ ସୁନ୍ଦର ଭାବରେ ପାଳନ ପାଇଁ ସର୍ବସମ୍ମତିକ୍ରମେ ଏକ ନୂତନ କମିଟି ଗଠିତ ହୋଇଥିଲା । ଉକ୍ତ କମିଟି ରେ ସଭାପତି ଭାବେ ରାମଚନ୍ଦ୍ର ଗୌଡ, କାର୍ଯ୍ୟକାରୀ ସଭାପତି ଉଗ୍ରସେନ ବିଶ୍ୱାଳ ଓ ଜଶିଆ ଉପସଭାପତି ମଣ୍ଡଳୀ ରେ ବୃନ୍ଦାବନ ମାହାନ୍ତି,ଆ ସି ବୁଢୁ, ରବିନ୍ଦ୍ର ବାରିକ, କାର୍ତିକ ଚନ୍ଦ୍ର ଖଣ୍ଡୁଆଳ ଓ କମଳାକାନ୍ତ ବେହେରା ରହିଛନ୍ତି । ସାଧାରଣ ସମ୍ପାଦକ ଭାବେ ଅକ୍ଷୟ କୁମାର ସାହୁ ଚୟନ ହୋଇଥିବା ବେଳେ ତାଙ୍କୁ ସହଯୋଗ କରିବା ପାଇଁ ଯୁଗ୍ମ ସମ୍ପାଦକ ଭାବେ ଭବାନୀ ଶଙ୍କର ଦାସ,ରାଜପ୍ତି ପାଳ, ସୁଭାଷ ଚନ୍ଦ୍ର ପଣ୍ଡା ଓ ଧରେଶ୍ୱର ସେଠୀ ରହିଛନ୍ତି । କୋଷାଧକ୍ଷ ଭାବେ ପ୍ରହ୍ଲାଦ ଚନ୍ଦ୍ର ନାୟକ ଚୟନ ହୋଇଥିବା ବେଳେ ସମସ୍ତ କମିଟି ମଧ୍ୟରେ ସମନ୍ୱୟ ଓ ସଂଯୋଗ ରକ୍ଷି ପୂଜା ସୁଚାରୁ ସମ୍ପାଦନା ପାଇଁ ସଙ୍ଗୀତ କୁମାର ନାୟକ ଙ୍କୁ ମୁଖ୍ୟ ସଂଯୋଜକ ଭାବେ ଚୟନ କରାଯାଇଛି । ଏଥିସହ କମିଟି ର କାର୍ଯ୍ୟକାରୀ ସଦସ୍ୟ ଭାବେ ନିରଞ୍ଜନ ଶତପଥୀ,ବି. ମିଶ୍ର ରହିଛନ୍ତି । ପରିଷଦ ର ବରିଷ୍ଠ ସଦସ୍ୟ ମାନଙ୍କୁ ନେଇ ଏକ ଉପଦେଷ୍ଟା ମଣ୍ଡଳୀ ଗଠନ କରାଯାଇଛି । ଏମାନଙ୍କ ଠାରୁ କମିଟି ଆବଶ୍ୟକୀୟ ମତାମତ ଓ ଉପଦେଶ ନେଇ କାର୍ଯ୍ୟ କରିବେ । ଉପଦେଷ୍ଟା ମଣ୍ଡଳୀ ରେ ଶଶଧର ପାତ୍ର, ନିରଞ୍ଜନ ଖଣ୍ଡାୟତରାୟ, ଏଚ୍ କେ ପରିଡା, ସତ୍ୟବାନ୍ ରାଉତ, ଅନିରୁଦ୍ଧ ବିଶ୍ୱାଳ,ନିଳମଣି ଜେନା,ସୁପ୍ରକାଶ ତ୍ରିପାଠୀ ଓ ଭାସ୍କର ସୁହାଣ ରହିଛନ୍ତି । ଉକ୍ତ ବୈଠକରେ ପ୍ରଦୀପ ମହାପାତ୍ର, ଧନଞ୍ଜୟ ଦାସ, ଶ୍ରୀକାନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକ ଶେଷ ରେ ମୁଖ୍ୟ ସଂଯୋଜକ ସଙ୍ଗୀତ କୁମାର ନାୟକ ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ ।

ମହିଳାଙ୍କୁ ପଥରରେ ଛେଚି ହତ୍ୟା ସନ୍ଦେହ

ସୁନ୍ଦରଗଡ,୧୫/୧(ନି/ପ୍): ଗୁରୁବାର ଦିନ ସୁନ୍ଦରଗଡ଼ ଟାଉନ୍ ଥାନା ସୀମା ଅନ୍ତର୍ଗତ ଶଙ୍କରା ଗୌଡ଼ପଡ଼ା ଏବଂ ଆମଲିପାଲି ମଧ୍ୟରେ ଥିବା ଏକ ପୋଖରୀ ନିକଟସ୍ଥ ଏକ ପଡ଼ିଆରୁ ଜଣେ ୫୦ ବର୍ଷୀୟା ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । ଏହି ଘଟଣାକୁ ନେଇ ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଥିଲା । ମହିଳାଙ୍କ ମୁଣ୍ଡକୁ ପଥରରେ ଛେଚି ହତ୍ୟା କରାଯାଇଥିବା ଅଭିଯୋଗ କରାଯାଇଛି । ସୂଚନା ଅନୁଯାୟୀ, ମୃତକଙ୍କ ନାମ ଗୁରୁବାରୀ ମାଝୀ, ସିଏ ଆମଲିପାଲିରେ ଏକ ଭଡ଼ା ଘରେ ରହୁଥିଲେ ଏବଂ ତାଙ୍କ ସହିତ ଗୋପାଳ ଲାକ୍ରା ନାମକ ଜଣେ ବ୍ୟକ୍ତି ମଧ୍ୟ ଥିଲେ । ପ୍ରାପ୍ତ ସୂଚନା ଅନୁସାରେ, ଗୁରୁବାରୀ ମାଝୀ ବୁଧବାର ସନ୍ଧ୍ୟା ପ୍ରାୟ ୫ଟା ସମୟରେ ତାଙ୍କ ଘରୁ ବାହାରି କହିଥିଲେ ଯେ ସେ କିଛି ଟଙ୍କା ମାଗିବାକୁ ଶଙ୍କରାସ୍ଥିତ ତାଙ୍କ ଭଣଜାଙ୍କ ଘରକୁ ଯାଉଛନ୍ତି । ପରେ ସ୍ଥାନୀୟ ବାସିନ୍ଦାମାନେ ତାଙ୍କୁ ସନ୍ଧ୍ୟାରେ ସେହି ଅଞ୍ଚଳରେ ବୁଲୁଥିବାର ଦେଖିଥିବା ସୂଚନା ଦେଇଥିଲେ । କିନ୍ତୁ, ରାତିରେ ସେ ଘରକୁ ନ ଫେରିବାରୁ, ଗୋପାଳ ଲାକ୍ରା ତାଙ୍କୁ ଖୋଜାଖୋଜି କରିଥିଲେ କିନ୍ତୁ ତାଙ୍କର କୌଣସି ପତ୍ତା ପାଇ ନଥିଲେ । ଗୁରୁବାର ସକାଳେ ପ୍ରକୃତି କାଜ ପାଇଁ ନିଜସ୍ୱ କ୍ଷେତକୁ ଯାଇଥିବା ବେଳେ ସ୍ଥାନୀୟ ଗ୍ରାମବାସୀମାନେ ପୋଖରୀ ପାଖରେ ମହିଳାଙ୍କ ମୃତଦେହ ପଡ଼ିଥିବା ଦେଖି ତୁରନ୍ତ ପୋଲିସକୁ ଖବର ଦେଇଥିଲେ । ପ୍ରାଥମିକ ଅନୁଧ୍ୟାନରୁ ଜଣାପଡିଛି ଯେ ପଥରରେ ମୁଣ୍ଡରେ ଆଘାତ ପରେ ତାଙ୍କୁ ନିର୍ମମ ଭାବରେ ହତ୍ୟା କରାଯାଇଛି । ସୂଚନା ପାଇବା ପରେ, ସୁନ୍ଦରଗଡ଼ ଏସପି ମୃଗୁ ପାଲ କୌଶିକ, ଅତିରିକ୍ତ ଏସପି, ଏସଡିପିଓ ନିର୍ମଳ ଚନ୍ଦ୍ର ମହାପାତ୍ର ଏବଂ ସୁନ୍ଦରଗଡ ଟାଉନ୍ ଥାନାର କର୍ମଚାରୀମାନେ ଘଟଣାସ୍ଥଳକୁ ଯାଇଥିଲେ । ପୋଲିସ ଅଞ୍ଚଳକୁ ସୁରକ୍ଷିତ ରଖିଛି ଏବଂ ହତ୍ୟାକାଣ୍ଡର ସଠିକ୍ ପରିସ୍ଥିତି ଜାଣିବା ପାଇଁ ତଦନ୍ତ ଆରମ୍ଭ କରିଛି ।

ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଦିବସ ଓ ମକର ସଂକ୍ରାନ୍ତି ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ

ରାଉରକେଲା,୧୫/୧(ନି/ପ୍): ରାଉରକେଲା ସେକ୍ଟର-୧୮ ସ୍ଥିତ ରାଧାକୃଷ୍ଣ ମନ୍ଦିରରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମକର ସଂକ୍ରାନ୍ତି ଏବଂ ମନ୍ଦିର ପ୍ରତିଷ୍ଠା ଦିବସ ଅବସରରେ ଅଷ୍ଟପ୍ରହର ନାମଯଜ୍ଞ ସହ ଭକ୍ତିମୟ ପରିବେଶରେ ଉତ୍ସବ ପାଳିତ ହୋଇଯାଇଛି । ଏହି ଧାର୍ମିକ କାର୍ଯ୍ୟକ୍ରମରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା । ରୁଧବାର ସନ୍ଧ୍ୟାରେ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ସେହିପରି ଗୁରୁବାର ସକାଳେ ନଗର ସଙ୍କୀର୍ତନ ଆୟୋଜିତ ହୋଇଥିଲା, ଯାହା ପରେ ପୁଣିଥରେ ପ୍ରସାଦ ବିତରଣ କରାଯାଇ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା । ଏହି ପୂଜା କାର୍ଯ୍ୟକ୍ରମରେ ଚିତରଞ୍ଜନ ଶଥ ମୁଖ୍ୟ ପୂଜକ ଭାବେ ଦାୟିତ୍ୱ ତୁଲାଇଥିଲେ । କର୍ତ୍ତା: କର୍ତ୍ତା ଭାବେ ପଣ୍ଡା ବାବୁ ଏବଂ ପୁରୀ ବାବାଜୀ ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି: ରଘୁନାଥପାଲୀ ନିର୍ବାଚନ ମଣ୍ଡଳୀର ବିଧାୟକ ଦୁର୍ଗା ଚରଣ ତାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ, ଅନ୍ୟତମ ଅତିଥି ଭାବେ ରାଉରକେଲା ବିଧାୟକ ଶାରଦା ପ୍ରସାଦ ନାୟକ ଯୋଗ ଦେଇଥିଲେ । ସେମାନେ ରାଧାକୃଷ୍ଣ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ମନ୍ଦିର କମିଟିର ଜର୍ମକର୍ତ୍ତାମାନଙ୍କ ସହ ଆଲୋଚନା କରିଥିଲେ । ସେକ୍ଟର-୧୮ ଜେଲି ମାର୍କେଟର ବ୍ୟବସାୟୀ ପ୍ରକାଶ ପାଥଲ, ସୁରେଶ ପାଥଲ, ବିଶ୍ୱରଞ୍ଜନ ମହାପାତ୍ର, ରାକେଶ କୁମାର ପ୍ରସାଦ, ଜବି, ପ୍ରସନ୍ନ, ରବିନାରାୟଣ ପାଢ଼ୀ, ଶିବ ପ୍ରସାଦ ଗୁପ୍ତାଙ୍କ ସମେତ ଅନ୍ୟାନ୍ୟ ଭକ୍ତମାନେ ଏହି ଉତ୍ସବରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ରାଧାକୃଷ୍ଣ ମନ୍ଦିରରେ ପ୍ରତିବର୍ଷ ମକର ସଂକ୍ରାନ୍ତି ଅବସରରେ ଏହିପରି ଶ୍ରଦ୍ଧା ଓ ଭକ୍ତିର ସହ ଉତ୍ସବ ପାଳନ କରାଯାଏ । ଏହି କାର୍ଯ୍ୟକ୍ରମରେ ବିପୁଳ ସଂଖ୍ୟାରେ ଶ୍ରଦ୍ଧାଳୁ ସାମିଲ ହୋଇଥିବାରୁ ମନ୍ଦିର ପରିସରରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା ।

ମକର ସଂକ୍ରାନ୍ତି ଅବସରରେ ବିଭିନ୍ନ ସଂଗଠନ ପକ୍ଷରୁ ଖାଦ୍ୟ ସାମଗ୍ରୀ ବଣ୍ଟନ

ରାଉରକେଲା,୧୫/୧(ନି/ପ୍): ରାଉରକେଲା ସହରରେ ମକର ସଂକ୍ରାନ୍ତି ଉପଲକ୍ଷେ ବିଭିନ୍ନ ସଂଗଠନ ପକ୍ଷରୁ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି । ସ୍ୱର୍ଣ୍ଣକାର ଯୁବ ମଂଚ: ସହରର ମୁଖ୍ୟ ମାର୍ଗରେ ଥିବା 'ଜୟ ହିନ୍ଦ ଲୁଏଲର୍ସ' ସମ୍ମୁଖରେ ସ୍ୱର୍ଣ୍ଣକାର ଯୁବ ମଂଚ ପକ୍ଷରୁ ପଥିକମାନଙ୍କୁ ଖେଚୁଡ଼ି, ଗୁଲଗୁଲା, ପୁରି-ତରକାରୀ ଏବଂ ଜିଲାପି ବଣ୍ଟନ କରାଯାଇଥିଲା । ସକାଳୁ ମଧ୍ୟାହ୍ନ ପର୍ଯ୍ୟନ୍ତ ଚାଲିଥିବା ଏହି କାର୍ଯ୍ୟକ୍ରମରେ ମଂଚର କର୍ମକର୍ତ୍ତାମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ସ୍ଥାନୀୟ ଲୋକେ ଏହି ପ୍ରୟାସକୁ ବହୁତ ପ୍ରଶଂସା କରିଛନ୍ତି । ପ୍ରତିବର୍ଷ ମକର ସଂକ୍ରାନ୍ତିରେ ସଂଘ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ । ନବଯୁବକ ଆଖାଡ଼ା କମିଟି: ସେହିପରି ଜେଲି ମାର୍କେଟ ଜନତା ନିବାସ ରୋଡ୍ ସମ୍ମୁଖରେ ନବଯୁବକ ଆଖାଡ଼ା କମିଟି ପକ୍ଷରୁ ପଥିକମାନଙ୍କୁ ଖେଚୁଡ଼ି ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ମଧ୍ୟ ସକାଳୁ ମଧ୍ୟାହ୍ନ ପର୍ଯ୍ୟନ୍ତ ଚାଲିଥିଲା ଏବଂ କମିଟିର ସଦସ୍ୟମାନେ ଏଥିରେ ସହଯୋଗ କରିଥିଲେ । ଶ୍ରୀ ମନୋକାମନା ସିଦ୍ଧି ହନୁମାନ ମନ୍ଦିର କମିଟି: ବିର୍ସା ଦହର ରୋଡ୍ ସ୍ଥିତ ଶ୍ରୀ ମନୋକାମନା ସିଦ୍ଧି ହନୁମାନ ମନ୍ଦିର କମିଟି ପକ୍ଷରୁ ମଧ୍ୟ ରାସ୍ତା ଦେଇ ଯାଉଥିବା ଲୋକଙ୍କୁ ଖେଚୁଡ଼ି ପ୍ରସାଦ ବଣ୍ଟନ କରାଯାଇଥିଲା । ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଓ ପଥିକ ଏହି ପ୍ରସାଦ ସେବନ କରିଥିଲେ । ଏଥିରେ ମନ୍ଦିର କମିଟିର ପଦାଧିକାରୀ ଓ ସଦସ୍ୟମାନେ ଉପସ୍ଥିତ ଥିଲେ । ଲାୟନ୍ସ କ୍ଲବ: ପାଣ୍ଡାର ହାଉସ ଛକ ଶିବାଜୀ ମାର୍ଗ ନିକଟରେ ଲାୟନ୍ସ କ୍ଲବ ପକ୍ଷରୁ ମକର ସଂକ୍ରାନ୍ତି ଅବସରରେ ପଚୁଡ଼ି ଓ ଗୁଲଗୁଲା ବଣ୍ଟନ କରାଯାଇଥିଲା । ଏହା ବ୍ୟତୀତ ସହରର ଅନ୍ୟାନ୍ୟ ସଂଗଠନ ପକ୍ଷରୁ ମଧ୍ୟ ମକର ସଂକ୍ରାନ୍ତିର ଦ୍ୱିତୀୟ ଦିନରେ ବିଭିନ୍ନ ସ୍ଥାନରେ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିବା ଦେଖିବାକୁ ମିଳିଛି ।

ଫକୀର ମୋହନଙ୍କ ସାହିତ୍ୟର ପଟ୍ଟାନ୍ତର ନାହିଁ

ଇସ୍ପାତ ସାହିତ୍ୟ ସଂସଦରେ ଫକୀର ମୋହନ ଜୟନ୍ତୀ

ରାଉଲକେଲା,୧୫/୧(ନି/ପ୍): ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଇସ୍ପାତ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଫକୀର ମୋହନଙ୍କ ୧୮୪ତମ ଜୟନ୍ତୀ ମହା ସମାରୋହରେ ସେଙ୍କର ସାତ ସ୍ଥିତ କାର୍ଯ୍ୟାଳୟ ଠାରେ ସଭାପତି ନୃସିଂହ ଚରଣ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ରାଉଲକେଲା ଇସ୍ପାତ କାରଖାନାର ପ୍ରାକ୍ତନ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ପ୍ରଦୀପ କୁମାର ସାହୁ ଯୋଗଦେଇ ଥିବା ବେଳେ ଗାଳ୍ପିକା ଅଧ୍ୟାପିକା ମହାଶ୍ୱେତା ସାହୁ ମୁଖ୍ୟବକ୍ତା ଭାବରେ ଯୋଗଦାନ କରି 'ଫକୀର ମୋହନଙ୍କ ସାହିତ୍ୟରେ ସମକାଳୀନ ଚିତ୍ର ' ଶୀର୍ଷକ ଆଲୋଚନା କରିଥିଲେ । ଫକୀର ମୋହନଙ୍କ ସାହିତ୍ୟ ସମାଜର ପରିବର୍ତନ ପାଇଁ ଅଭିପ୍ରେତ ଥିଲା ଏବଂ ସେ ସାହିତ୍ୟର ପଟ୍ଟାନ୍ତର ନାହିଁ ବୋଲି ମତ ପ୍ରକାଶ ପାଇଥିଲା । ପ୍ରଥମେ ଗୁରୁ ଜ୍ୟୋତିର୍ମୟ ଆଚାର୍ଯ୍ୟ ଏବଂ ସଂକେନ୍ଦ୍ର ମୁର୍ମୁଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇ ସଭାରମ୍ଭ କରାଯାଇଥିଲା । ସାଧାରଣ ସଂପାଦକ ମନୋଜ କୁମାର ନନ୍ଦ ସଭା ପରିଚାଳନା କରିଥିଲେ ଏବଂ କାର୍ଯ୍ୟକାରୀ ସଭାପତି ପ୍ରତାପ କୁମାର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ ପୂର୍ବକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଉତ୍ସବସରରେ ଅତିଥି ମାନଙ୍କ ଦ୍ୱାରା ସାହିତ୍ୟ ସଂସଦର ବାର୍ଷିକ ଜ୍ୟାଲେଣ୍ଡର ଲୋକାର୍ପିତ କରାଯାଇଥିଲା । ଜଗନ୍ନାଥ ସରସ୍ୱତୀ ଏବଂ ନୀଳମଣି ପାତ୍ରଙ୍କ ସ୍ମୃତିରେ ବିଦ୍ୟାଳୟ ସ୍ତରୀୟ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ଗଳ୍ପ ଲିଖନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତକାର୍ଯ୍ୟ ହୋଇଥିବା ୧୧ଜଣ ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । କବି ସୁମିତ୍ରା ବାରିକଙ୍କୁ ଭୂଜଲା କୁମାରୀ ଦେବୀ ସ୍ମୃତି ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ସହ ସାଧାରଣ ସଂପାଦକ ଶୁଶାନ୍ତ କୁମାର ନାୟକଙ୍କୁ ସୁପୁତ୍ର ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ପରୀକ୍ଷାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ କବି ବିଜୟିନୀ ଜେନାଙ୍କ ସଭାପତିତ୍ୱରେ ଏବଂ ଖଗେନ୍ଦ୍ର ବେହେରା, ସୁମିତ୍ରା ମିଶ୍ର ଓ ସୁମିତ୍ରା ଲେଙ୍କାଙ୍କ ସଂଯୋଜନାରେ ଏକ ମନୋଜ୍ଞ କବିତା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ କବି ନିକୁଞ୍ଜ ବିହାରୀ ଦାସ, ରଘୁବର ଧଳ, ମଙ୍କୁଳା କୁମାରୀ ଋଷ, ସତ୍ୟବ୍ରତ ଦାସ, ବିଶୋରୀ ଦାସ, ମମତା ଜେନା, ସୁମିତ୍ରା ବାରିକ, ଭୀମସେନ ସାହୁ, ପ୍ରତାପ କୁମାର ପଣ୍ଡା, ସୁସ୍ମିତା ମହାପାତ୍ର, ନିଶିକାନ୍ତ ମିଶ୍ର, ହରମୋହନ ମିଶ୍ର, ସରୋଜ କୁମାର ଦାସ, ଗୌତମ ଦାସ, ସର୍ବୁତା ପ୍ରଧାନ, କୁଞ୍ଜ ବିହାରୀ ରାଉତ୍, ସୁଶାନ୍ତ ନାୟକ, ଖଗେନ୍ଦ୍ର ବେହେରା, ସୁମିତ୍ରା ମିଶ୍ର,ସବିତା ପରିଡ଼ା, ଅଭିରାମ ପ୍ରଧାନ ପ୍ରମୁଖ କବିତା ପାଠ କରିଥିଲେ । ତ୍ରିଲୋଚନ ମଧ୍ୟାନ, ତ କୃପାସିନ୍ଧୁ ନାୟକ, ତାରିଣୀ ଚରଣ ସାହୁ, ମମତା କୁମାରୀ ଜେନା, ସୁଧାମ ଚରଣ ଦାସ, ଶର୍ମିଷ୍ଠା କବି ଶତପଥୀ, ଜୁଜେନ୍ଦ୍ର ଦାସ, ବଳରାମ ଦାସ, ଚିତ୍ର ରଞ୍ଜନ ଦୁଷ୍ଟା, ସବିତା ବସ୍ତିଆ, ପ୍ରଦୀପ କୁମାର ଦୁବେ, ତ ଶକ୍ତି ପ୍ରାସାଦ ସାମନ୍ତରାୟ, ଅକ୍ଷୟ କୁମାର ପାଣି,ନିହରିକା ବସ୍ତିଆ ପ୍ରମୁଖ କହୁକବି, ଲେଖକ ଓ ବୁଦ୍ଧିଜୀବୀ ଯୋଗଦାନ କରିଥିଲେ । ଶେଷରେ ସୁଶାନ୍ତ ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ ।

୧୫ ଲକ୍ଷ ଟଙ୍କାର ଦେଢ଼ କ୍ୱିଟାଂଲ ଗଞ୍ଜେଇ ଜବତ, ୨ ଗିରଫ

ଲହୁଣୀପଡ଼ା,୧୫/୧(ନି/ପ୍): ସୁନ୍ଦରଗଡ଼ ଜିଲ୍ଲା ଗୁରୁଣ୍ଡିଆ ଥାନା ଅନ୍ତର୍ଗତ କୁଣ୍ଡେଲଡିହା ଗ୍ରାମରୁ ପ୍ରାୟ ୧୫ ଲକ୍ଷ ଟଙ୍କାର ଅବୈଧ ଗଞ୍ଜେଇ ଜବତ ହୋଇଛି । ୯ ଟି ବସ୍ତାରେ ଗଞ୍ଜେଇ ଥିବା ବେଳେ ଏହା ପାଖାପାଖି ଦେଢ଼ କ୍ୱିଟାଂଲ ହେବ ବୋଲି ପୁଲିସ କହିଛି । ଏ ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଦୁଇ ଅଭିଯୁକ୍ତ ୩୨ ବର୍ଷୀୟ ରଞ୍ଜିତ ଓରାମ ଏବଂ ୨୭ ବର୍ଷୀୟ ରାଜେଶ ଓରାମ ବୋଲି ଜଣାପଡ଼ିଛି । ଅବକାରୀ ବିଭାଗ ସୁପାରିଣ୍ଟେଣ୍ଡେଣ୍ଟଙ୍କ ନିର୍ଦ୍ଦେଶ କ୍ରମେ ବଣାଇଁ ଅବକାରୀ ବିଭାଗ ଟିମ୍ ତଦନ୍ତ କରି ଗଞ୍ଜେଇ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଥିଲେ । ସୂଚନା ମୁତାବକ ସେମାନେ କୁଣ୍ଡେଲଡିହା ଜଙ୍ଗଲରେ ଗଞ୍ଜେଇ ଚାଷ କରୁଥିଲେ

ରାଣୀଚାଲ ସାହିତ୍ୟ ସଂସ୍କୃତି ପରିଷଦର ଫକୀରମୋହନ ଜୟନ୍ତୀ

ଭଦ୍ରକ,୧୫/୧: ଭଦ୍ରକ ବ୍ଲକ ଅନ୍ତର୍ଗତ ରାଣୀଚାଲ ସାହିତ୍ୟ ସଂସ୍କୃତି ପରିଷଦ ଓ ତୁଡଙ୍ଗପୁର ଶିବମୁନି ମନ୍ଦର ମେଳା ତରଫରୁ ୧୮୪ତମ ଫକୀରମୋହନ ଜୟନ୍ତୀ ଜଗଦଳପୁର ଫଡାୟତର ତୁଡଙ୍ଗପୁର ଗ୍ରାମ ରେ ଅନୁଷ୍ଠିତ ହୋଇଯାଇଛି । ରାଣୀଚାଲ ସାହିତ୍ୟ ସଂସ୍କୃତି ପରିଷଦର କାର୍ଯ୍ୟକରି ସଭାପତି ଭାଗିରଥି ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଗଦଳପୁରର ପୂର୍ବତନ ସରପଂଚ ବିଜୟକୁମାର ମହାପାତ୍ର ଯୋଗ ଦେଇ ଫକୀରମୋହନଙ୍କର ସମାଜପ୍ରତି ଅବଦାନ ବିଷୟରେ ଆଲୋଚନା କରିଥିଲେ । ଏହି ଅବସରରେ କବି ନାରାୟଣ ଚନ୍ଦ୍ର ପ୍ରଧାନଙ୍କ 'ଜୟ ମା ସୋନାଷ୍ଟୀ' ପୁସ୍ତକର ଲୋକାର୍ପଣ କରାଯାଇଥିଲା ।

ଆରଏସପି ଦ୍ୱାରା କଦମଟୋଲାରେ ଗୋଷ୍ଠୀ କେନ୍ଦ୍ରର ନିର୍ମାଣ

ରାଉରକେଲା,୧୫/୧(ନି/ପ୍): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ର ସିଏସଆର ବିଭାଗ ଦ୍ୱାରା ଜାନୁଆରୀ ୧୩ ତାରିଖରେ ବିଦ୍ୟା ବ୍ଲକର ଉପସୁ ଗ୍ରାମ ପଚାଂୟତ ଅନ୍ତର୍ଗତ କଦମଟୋଲା ଗ୍ରାମରେ ଏକ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ପାଇଁ ଭୂମିପୂଜନ ସମାରୋହ ଅନୁଷ୍ଠିତ ହୋଇଛି । ଏହି ସିଏସଆର ପ୍ରୟାସ ପାର୍ଶ୍ୱାଂଚଳର ସମାବେଶୀ ବିକାଶ ତଥା ସାଧାରଣ ସୁବିଧାଗୁଡ଼ିକ ନିମନ୍ତେ ଗୋଷ୍ଠୀ ଭିତ୍ତିଭୂମିରେ ଉନ୍ନତି ଆଣିବା ପାଇଁ ଲକ୍ଷ୍ୟ ରଖିଛି । ଏହି ଅବସରରେ ସହର ସେବା ଓ ସିଏସଆର ବିଭାଗର ସିନିଏମ ଶ୍ରୀ ଟି. କି. ଜାନେଜର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଏହି ଅବସରରେ ସିଏସଆର ବିଭାଗର ଜିଏମ୍ ଇନ-ଚାର୍ଜ ସୁଶ୍ରୀ ମୁନମୁନ ମିତ୍ର, ଜିଏମ୍ ଶ୍ରୀ ବିଭାବାସୁ ମଲ୍ଲିକ, ଡିଜିଏମ୍ ଶ୍ରୀ ଆର. ଏସ. ବାରା, ଏଜିଏମ୍ ଶ୍ରୀ ବିନାୟକ ଜେନା, ବିଦ୍ୟା ବ୍ଲକର ଅଧକ୍ଷା ସୁଶ୍ରୀ ଫୁଲମଣି କେରକେଟ୍ଟା, ଉପସୁ ଗ୍ରାମ ପଚାଂୟତର ସରପଂଚ, ଆରଏସପିର ଅଧିକାରୀମାନଙ୍କ ସହିତ ସ୍ଥାନୀୟ